بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 10

ବାର୍ଷିକ ଦେୟ : 600/-

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

05 ରମଜାନ୍ 1446 ହି.କ, 06 ଅମାନ୍ 1404 ହି.ଶ, 06 March 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَاسۡتَعِیۡنُوۡا بِالصَّبۡرِ وَالصَّلٰوۃِ ؕ وَاِنَّہَا لَکَبِیۡرَۃٌ اِلَّا عَلَی الۡخٰشِعِیۡنَ

(ଅଲ୍ ବକ୍ରାହ୍: 46)

ଅନୁବାଦ:ଏବଂ ଧୈର୍ଯ୍ୟ ଓ ପ୍ରାର୍ଥନା ମାଧ୍ୟମରେ ଅଲ୍ଲାଃତାଲାଙ୍କର ସାହାଯ୍ୟ ଭିକ୍ଷା କର, ବିନୟୀମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ପକ୍ଷରେ ଏହା ବାସ୍ତବିକ କଠିନ କାର୍ଯ୍ୟ ଅଟେ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**କୌଣସି ଜୀବକୁ ଘରେ ବନ୍ଦ ରଖିବା ଦ୍ୱାରା ଯଦି ସେହି ଜୀବର ମୃତ୍ୟୁ ଘଟେ ତେବେ ଯେଉଁ ବ୍ୟକ୍ତି ଜୀବକୁ ବନ୍ଦ କରି ରଖିଥିଲା ସେହି ବ୍ୟକ୍ତି ଉପରେ ପ୍ରଭୁଙ୍କର ଶାସ୍ତି ଅବତୀର୍ଣ୍ଣ ହୋଇଥାଏ ।**

**(2365)** ହ. ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ: ଜନୈକା ମହିଳା ଉପରେ ମାର୍ଜାର (ବିରାଡ଼ି ବା ବିଲେଇ) ଯୋଗୁଁ ଈଶ୍ୱରଙ୍କ ଶାସ୍ତି ଅବତୀର୍ଣ୍ଣ ହେଲା। କାରଣ ଉକ୍ତ ବିଲେଇକୁ ସେହି ମହିଳା ଜଣକ ବନ୍ଦ କରି ରଖି ଦେଇଥିଲା । ଏପର୍ଯ୍ୟନ୍ତକି ବୁଭୁକ୍ଷୁତା (ଭୋକ) ଯୋଗୁଁ ତା'ର (ବିଲେଇର) ମୃତ୍ୟୁ ଘଟିଲା । ତେଣୁ ସେହି ବିଲେଇ କାରଣରୁ ଉକ୍ତ ମହିଳା ଜଣକ ନର୍କାଗ୍ନିରେ ପ୍ରବିଷ୍ଟ ହୋଇଗଲା । ଆପଣ ସ.ଅ ଏହା ମଧ୍ୟ କହିଲେ, ସେହି ମହିଳାକୁ ଯେତେବେଳେ ପଚରାଗଲା କି, ହେ ମହିଳା ! ତୁମେ ସେହି ବିଲେଇକୁ କାହିଁକି ବାନ୍ଧିକି ରଖିଥିଲ ? ଅଲ୍ଲାଃତାଲା ହିଁ ସର୍ବଜ୍ଞ ଅଟନ୍ତି । ତୁମେ ସେହି ବିଲେଇକୁ ନା ଗଣ୍ଡେ ଖାଇବାକୁ ଦେଲ ଓ ନା ହିଁ ତୁମେ ତା'କୁ ବାହାରକୁ ଛାଡ଼ିଲ ଯେ, ସେ ଯାଇ ବାହେର ବୁଲି ପୋକ ଯୋକ ଖାଇଦେଇ ଥାଆନ୍ତା ।

**ପ୍ରଳୟ ଦିବସରେ ଅଲ୍ଲାଃତାଲା ତିନି ଜଣ ବ୍ୟକ୍ତିଙ୍କ ଆଡ଼କୁ ଚାହିଁବେ ନାହିଁ ।**

**(2369)** ହ. ଅବୁ ହୁରେରାହ୍ ର.ଅ ବର୍ଣ୍ଣନା କରନ୍ତି, ଆଁହଜରତ୍ ସ.ଅ କହିଲେ: ପ୍ରଳୟ ଦିବସରେ ଅଲ୍ଲାଃତାଲା ତିନି ଜଣ ବ୍ୟକ୍ତିଙ୍କ ଆଡ଼କୁ ଚାହିଁବେ ନାହିଁ କି ସେମାନଙ୍କ ସହିତ କଥାବାର୍ତ୍ତା କରିବେ ନାହିଁ ଓ ନା ହିଁ ସେମାନଙ୍କ ପ୍ରତି କୃପା ଦୃଷ୍ଟି କରିବେ । ସେହି ତିନି ଜଣ ବ୍ୟକ୍ତି ହେଲେ- 1- ଯେଉଁ ବ୍ୟକ୍ତି ନିଜର ବ୍ୟବସାୟିକ ସାମଗ୍ରୀ ବିକ୍ରି କରିବା ନିମନ୍ତେ ରାଣ (ଶପଥ) ଖାଇଲା କି ମୋତେ ଏହି ସାମଗ୍ରୀ ନିମନ୍ତେ ଅଧିକ ଅର୍ଥ ଦିଆଯାଉଥିଲା ଅର୍ଥାତ୍ ମୋତେ ବର୍ତ୍ତମାନ ଯେତିକି ଟଙ୍କା ମିଳୁଛି ପୂର୍ବେ ସେତିକି ଟଙ୍କା ଏହି ଜିନିଷ ବା ସାମଗ୍ରୀ ନିମନ୍ତେ ପ୍ରାପ୍ତ ହେଉଥିଲା । କିନ୍ତୁ ବାସ୍ତବରେ ସେହି ବ୍ୟକ୍ତି ମିଥ୍ୟାବାଦୀ ଅଟେ । 2- ସେହି ବ୍ୟକ୍ତି ଯିଏ ଅସର୍ ପରେ (ଅପରାହ୍ନ) ମିଛ ରାଣ ଏଇଥି ପାଇଁ ଖାଇଲା କି ସେ ଅନ୍ୟ ମୁସଲମାନ ବ୍ୟକ୍ତିର ଧନକୁ ହଡ଼ପ କରିନେବ । 3- ତୃତୀୟ ହେଉଛି ସେହି ବ୍ୟକ୍ତି ଯିଏ ନିଜର ବଳକା ଜଳକୁ ଅଟକାଇ ନେଲା । ଅନ୍ୟ ପାଇଁ ବଳକା ଜଳକୁ ଛାଡ଼ିଲା ନାହିଁ । ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କହିବେ, ହେ ବ୍ୟକ୍ତି ! ଯେଉଁ ଜିନିଷ ବା ସମାଗ୍ରୀକୁ ତୋ ହାତ ତିଆରି କରି ନଥିଲା ତୁ ସେହି ବଳକା ଜିନିଷକୁ ଅଟକାଇ ନେଇଥିଲୁ । ତେଣୁ ଆଜି ମୁଁ ମଧ୍ୟ ନିଜର କୃପାକୁ ତୋ ଠାରୁ ଅଟକାଇ ନେଉଛି । ☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ହତଭାଗ୍ୟ ଏବଂ ଅନ୍ଧ ବିରୋଧୀ ଯାହା କହୁ ପଛେ । କିନ୍ତୁ ଆମର ପ୍ରିୟ ମୁନିବ୍ ହ. ମୁହମ୍ମଦ ସ.ଅ ଯେଉଁ କାର୍ଯ୍ୟ କରିଛନ୍ତି ସେହି କାର୍ଯ୍ୟ ପୃଥକ ପୃଥକ ଏବଂ ଏକତ୍ରିତ ହୋଇ କରିବା ସମ୍ଭବପର ନଥିଲା । ଏହା ଅଲ୍ଲାଃତାଲା ଅସୀମ କୃପା ଅଟେ** ذٰلِکَ فَضۡلُ اللّٰہِ یُؤۡتِیۡہِ مَنۡ یَّشَآءُ **।**

ଅଲ୍ଲାଃତାଲାଙ୍କ ଅଶେଷ ଅଶେଷ କୃତଜ୍ଞତା (ଧନ୍ୟବାଦ) ଯେ, ସେହି ନିଷ୍ପାପ ମହାବତାର ହ. ମୁହମ୍ମଦ ମୁସ୍ତଫା ସ.ଅ ଆସିଲେ ଏବଂ ସେ ମୂର୍ତ୍ତି ଉପସନାରୁ ଲୋକମାନଙ୍କୁ ମୁକ୍ତି ପ୍ରଦାନ କଲେ । ଏହା ହିଁ ସେହି ରହସ୍ୟ ଯେ, ଉକ୍ତ ସ୍ତର କେବଳ ଓ କେବଳ ରସୁଲୁଲ୍ଲାଃ ସ.ଅଙ୍କୁ ତାହାଙ୍କ ଉପକାର ବଦଳରେ ହିଁ ପ୍ରାପ୍ତ ହେଲା । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ କୁହନ୍ତି;" اِنَّ اللّٰہَ وَمَلٰٓئِکَتَہٗ یُصَلُّوۡنَ عَلَی النَّبِیِّ ؕ یٰۤاَیُّہَا الَّذِیۡنَ اٰمَنُوۡا صَلُّوۡا عَلَیۡہِ وَسَلِّمُوۡا تَسۡلِیۡمًا "(ଅଲ୍ ଅହ୍ଜାବ୍: 57).......

ଯେତେବେଳେ ଅଲ୍ଲାଃତାଲା ମାନବ ଜାତି ଉପରେ ଉପକାର କରିବାକୁ ଚାହିଁଲେ ସେତେବେଳେ ଅଲ୍ଲାଃତାଲା ମୁହମ୍ମଦ ସ.ଅଙ୍କୁ ସୃଷ୍ଟି କଲେ । ଆପଣ ସ.ଅଙ୍କ ନାମ ମୁହମ୍ମଦ ଥିଲା । ମୁହମ୍ମଦ ନାମକୁ ଆମେମାନେ ଯେତେବେଳେ ବିଶ୍ଳେଷଣ କରୁ ସେତେବେଳେ ଏହି ନାମର ଅର୍ଥ ହେଲା ବହୁ ବା ଉଚ୍ଚ ପ୍ରଶଂସିତ । ଉକ୍ତ ଶବ୍ଦ ଆରବୀ ବ୍ୟାକରଣର ବାବ୍ ତଫଈଲରୁ ଆନୀତ । ଏହାର କାରଣ ଏହିକି ଯେ, ଯେତେବେଳେ କୌଣସି ବ୍ୟକ୍ତି ମହାନ କାର୍ଯ୍ୟ କରିଥାଏ ସେତେବେଳେ ସେହି ବ୍ୟକ୍ତି ଉଚ୍ଚ ପ୍ରଶଂସାର ପାତ୍ର ହୋଇଥାଏ । ପୂର୍ବେ ନବୀ ଅର୍ଥାତ୍ ଅବତାରମାନେ କୌଣସି ବିଶେଷ ଜାତି କିମ୍ବା ବିଶେଷ ରାଷ୍ଟ୍ର ନିମନ୍ତେ ଆସୁଥିଲେ । ଏହା ଏକ ପ୍ରକାରର ଖୁଣ ଥିଲା ଯେ, ଏକ ମହାନ ସଂଶୋଧନ ତଥା ସୁଧାରର ଆବଶ୍ୟକତା ପଡୁ ନଥିଲା........ଯେଉଁଠି ବି ବିଚାର କର ସେଠାରେ ଏହି ସୂଚନା ମିଳିବ ଯେ, କୌଣସି ଅବତାର ଉକ୍ତ ପବିତ୍ର ନାମର ଅଧିକାରୀ ନଥିଲା । ଏପର୍ଯ୍ୟନ୍ତକି ଆମମାନଙ୍କର ପ୍ରିୟାବତାର ହ. ମୁହମ୍ମଦ ସ.ଅଙ୍କ ଯୁଗ ଆସିଲା, ସେହି ଦେଶ ଏକ କଣ୍ଟା ଅର୍ଥାତ୍ ଖଜୁରୀ କୋଳି ଉଦ୍ୟାନ ଥିଲା । ସେହି ଭୂମିରେ ହିଁ ଆପଣ ସ.ଅ ନିଜର ପାଦ ରଖିଥିଲେ ଏବଂ ଅମା ଅନ୍ଧକାର ନିଜର ଚରମ ସୀମା ଲଂଘନ କରି ସାରିଥିଲା। ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ଏହି ଧର୍ମମତ ରହିଛି ଯେ, ଯଦି ରସୁଲୁଲ୍ଲାଃ ସ.ଅଙ୍କୁ ପୃଥକ କରାଯାଇ ଥାଆନ୍ତା ଏବଂ ସେତେବେଳ ପର୍ଯ୍ୟନ୍ତ ଯେତେ ଅବତାରମାନେ ଅତିକ୍ରାନ୍ତ କରିସାରିଥିଲେ । ଯେଉଁ ସଂଶୋଧନ ତଥା ସୁଧାର ନବୀ କରୀମ୍ ସ.ଅ କରିଥିଲେ ସେହି ସୁଧାର ଯଦି ସମସ୍ତ ଅବତାରମାନେ ଏକତ୍ରିତ ହୋଇ କରିବାକୁ ଚାହିଁ ଥାଅନ୍ତେ ତେବେ ସେମାନେ କଦାପି ଏପରି ସୁଧାର ଓ ସଂଶୋଧନ କରିବାକୁ କଦାପି ସକ୍ଷମ ହୋଇପାରି ନଥାଆନ୍ତେ । ଆମ ପ୍ରିୟାବତାରଙ୍କ ମଧ୍ୟରେ ଯେପରି ହୃଦୟ ଓ ଯେପରି ଶକ୍ତି ରହିଥିଲା ଏବଂ ଯେଉଁ ଶକ୍ତି ଓ ହୃଦୟ ଆମ ପ୍ରିୟାବତାର ହ. ମୁହମ୍ମଦ ସ.ଅଙ୍କୁ ପ୍ରାପ୍ତ ହୋଇଥିଲା ସେପରି ହୃଦୟ ଏବଂ ସେପରି ଶକ୍ତି ଅନ୍ୟ କୌଣସି ଅବତାରମାନଙ୍କ ମଧ୍ୟରେ ନଥିଲା କି ସେପରି ହୃଦୟ ଓ ସେପରି ଶକ୍ତି ଅନ୍ୟ ଅବତାରମାନଙ୍କୁ ପ୍ରାପ୍ତ ହୋଇ ନଥିଲା । ଯଦି କୌଣସି ବ୍ୟକ୍ତି ଏହା କୁହେ କି ଏହା ଅବତାରମାନଙ୍କ ପ୍ରତି ଅଶିଷ୍ଟତା ଓ ଅନ୍ୟାୟ ଅଟେ ତେବେ ସେହି ଅବୋଧ ବ୍ୟକ୍ତି ହିଁ ମୋ ଉପରେ ମଧ୍ୟ ମିଥ୍ୟାରୋପ କରିବ । ଆଁହଜରତ ସ.ଅଙ୍କ ଅନ୍ୟ ଅବତାରମାନଙ୍କ ଅପେକ୍ଷା ଶ୍ରେଷ୍ଠ ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ହେବା ମୋ ବିଶ୍ୱାସର ଏକ ବୃହତ୍ ଅଙ୍ଗ ଅଟେ । ଏହା (ଆଁହଜରତ ସ.ଅଙ୍କ ଶ୍ରେଷ୍ଠ) ମୋ ଶିରା ପ୍ରଶିରାରେ ମିଶି ଯାଇଛି ତେଣୁ ଆଁହଜରତ ସ.ଅଙ୍କ ଶ୍ରେଷ୍ଠାବତାର, ମହାବତାର, ମର୍ଯ୍ୟାଦା ପୁରୁଷୋତ୍ତମ ହେବା ମୋ ନିୟନ୍ତ୍ରଣାଧୀନ ନୁହେଁ ଯେ, ମୁଁ ଏହାକୁ କାଢି ଦେବି ।

ହତଭାଗ୍ୟ ଏବଂ ଅନ୍ଧ ବିରୋଧୀ ବ୍ୟକ୍ତି ଯାହା ଚାହୁଁଛି ତାହା କହୁ ପଛେ । ମୋର ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ମୋର ପ୍ରିୟାବତାର ହ. ମୁହମ୍ମଦ ସ.ଅ କାଳ କାଳ ଧରି ଯେଉଁ କାର୍ଯ୍ୟ କରିଯାଇଛନ୍ତି ସେହି କାର୍ଯ୍ୟ ଏକତ୍ରିତ ହୋଇ ନା କାହା ଦ୍ୱାରା ସମ୍ପାଦିତ ହୋଇପାରି ଥାଆନ୍ତା ଓ ନା ହିଁ ସମସ୍ତ ଅବତାରମାନେ ଏକତ୍ରିତ ହୋଇ ଉକ୍ତ କାର୍ଯ୍ୟ ସମ୍ପାଦନ କରିପାରି ଥାଆନ୍ତେ । ଏହା ପ୍ରଭୁଙ୍କର ଅସୀମ କୃପା ଅଟେ । ସେ ନିଜର କୃପା ଯାହାକୁ ଚାହିଁବେ ତାହାକୁ ପ୍ରଦାନ କରିଦେବେ । ذٰلِکَ فَضۡلُ اللّٰہِ یُؤۡتِیۡہِ مَنۡ یَّشَآءُ । **(ମଲ୍ଫୁଜାତ୍, ଭାଗ-2, ପୃ-56, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

**ଯେତେବେଳେ ଅଲ୍ଲାଃତାଲା ପ୍ରତ୍ୟେକ ବସ୍ତୁକୁ ଅବଲୋକନ କରନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିର ସ୍ୱରକୁ ଶୁଣନ୍ତି ସେତେବେଳେ ସେହି ବ୍ୟକ୍ତି ନିମନ୍ତେ ଅନ୍ୟ କୌଣସି ସହାୟକ ଈଶ୍ୱରଙ୍କର ଆଉ କୌଣସି ଆବଶ୍ୟକତା ରହିଲା ନାହିଁ । ସେ ହିଁ ସମଗ୍ର ବିଶ୍ୱରେ ସର୍ବତ୍ର ବିଦ୍ୟମାନ ଏବଂ ସେ ହିଁ ସମସ୍ତଙ୍କ ଉପରେ ରାଜତ୍ୱ କରନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା75 ର ବ୍ୟାଖ୍ୟା କରି କୁହନ୍ତି: ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ପ୍ରତ୍ୟାଖ୍ୟାନ କରନ୍ତି ସେମାନେ ଐଶୀ ସୁଗୁଣାବଳୀର କେବେ ବି ପୂର୍ଣ୍ଣ ଆକଳନ କରି ନାହାନ୍ତି । ଏହି କାରଣରୁ ସେମାନେ ଝୁଣ୍ଟି ପଡ଼ିଲେ ଅର୍ଥାତ୍ ମାର୍ଗଚ୍ୟୁତ ହେଲେ। ସୁତରାଂ ଦେଖନ୍ତୁ ଯେଉଁମାନେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ସ୍ୱୀକାରୋକ୍ତି ପ୍ରକାଶକାରୀ ନୁହନ୍ତି ଅବା ସେହି ଲୋକମାନେ ଯେଉଁମାନେ ଅନ୍ୟ ମାଧ୍ୟମକୁ ମଧ ଭାଗକୁ (ମଝିରେ) ଆଣିବାକୁ ଚେଷ୍ଟା କରନ୍ତି ସେମାନଙ୍କର ଉକ୍ତ ଆସ୍ଥାର ମୂଳଦୁଆ ଏହି ପ୍ରସଙ୍ଗ ଉପରେ ପର୍ଯ୍ୟବେସିତ ଯେ, ସେମାନଙ୍କର ମସ୍ତିଷ୍କ ଏହା ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇ ନଥାଏ ଯେ, ଏମିତି ବି ଏକ ଅସ୍ତିତ୍ୱ ରହିଛି ଯାହା ସମଗ୍ର ଜଗତକୁ ଅବଲୋକନ କରୁଅଛି ଏବଂ ସମସ୍ତଙ୍କର ସ୍ୱରକୁ ଶୁଣୁଛି। ସେହି ବିକୃତ ମସ୍ତିଷ୍କ ବ୍ୟକ୍ତିମାନେ ଏହା ମନେକରନ୍ତି ଯେ ,ଏପରି କେତେକ ମଧ୍ୟବର୍ତ୍ତୀ ମାଧ୍ୟମର ଆବଶ୍ୟକତା ରହିଛି ଯେଉଁ ମାଧ୍ୟମରେ ଐଶୀ ଶକ୍ତି ବିଭକ୍ତିକୃତ ହୋଇଥାଇ ପାରନ୍ତି ଏବଂ ଯେଉଁମାନେ ନିଜ ନିଜ ସ୍ଥାନରେ ରହି ସେହିସବୁ ଶକ୍ତିକୁ ବିନିଯୋଗ କରୁଥାଇ ପାରନ୍ତି । ଉକ୍ତ ବିଶ୍ୱାସଘାତକତାର ସବୁଠୁ ବଡ଼ କାରଣ ଏହିକି ଯେ, ସେମାନେ ଈଶ୍ୱରଙ୍କ ଶକ୍ତିକୁ ନିଜ ଶକ୍ତି ସହିତ ତୁଳନା କରିଛନ୍ତି । ଅତଏବ୍ ସେମାନେ ଈଶ୍ୱରଙ୍କ ଶକ୍ତିକୁ ମାନବିକ ଶକ୍ତି ବୋଲି ମନେକରି ନେଲେ । ସେମାନେ ଏହା ଦେଖିଲେ ଯେ ,ମନୁଷ୍ୟ ଯେତେବେଳେ ଗୋଟିଏ ପାର୍ଶ୍ୱକୁ ଚାହିଁଥାଏ ସେତେବେଳେ ଅନ୍ୟ ପାର୍ଶ୍ୱର ବସ୍ତୁକୁ ଦେଖିପାରି ନଥାଏ । ଅତଏବ୍ ସେମାନେ ଏହା ମନେ କରିନେଲେ ଯେ, ଅଲ୍ଲାଃତାଲାଙ୍କ ଦୃଷ୍ଟି ଅତ୍ୟନ୍ତ ସୀମିତ ଅଟେ । ପୁନଶ୍ଚ ମନୁଷ୍ୟମାନେ ଏହା ଅବଲୋକନ କଲେ ଯେ ,ଆମେମାନେ ପ୍ରତ୍ୟେକ ସ୍ଥାନର ଶବ୍ଦ ଏବଂ ସ୍ୱରକୁ ଏକ ସମୟରେ ଶୁଣିପାରୁ ନାହୁଁ ତେବେ ମନୁଷ୍ୟମାନେ ଏହା ଭାବିନେଲେ ଯେ, ଈଶ୍ୱର ମଧ ପ୍ରତ୍ୟେକ ସ୍ଥାନର ସ୍ୱର ତଥା ଶବ୍ଦକୁ ଏକ ସମୟରେ ଶୁଣି ପାରିବେ ନାହିଁ । ଅତଏବ୍ ମାନବିକ ଶକ୍ତି ସହିତ ଈଶ୍ୱରଙ୍କ ଶକ୍ତିକୁ କଳ୍ପନା ଏବଂ ତୁଳନା କରିବା ଦ୍ୱାର ସେମାନଙ୍କୁ ଏହି ଆବଶ୍ୟକତା ପଡ଼ିଲା ଯେ, ଈଶ୍ୱରଙ୍କ କେତେକ ସମକକ୍ଷଙ୍କୁ ନିଯୁକ୍ତ କରାଯାଉ । ଉକ୍ତ ଚିନ୍ତାଧାରା ଫଳରେ କେତେକ ଦାର୍ଶନିକମାନଙ୍କର ଆସ୍ଥା ରହିଥିଲା ଯେ, ଅଲ୍ଲାଃତାଲାଙ୍କୁ ସବୁଜଣା କାରଣ ସେ ସର୍ବଜ୍ଞ ଅଟନ୍ତି । ସେ ଆଂଶିକ ବା ଭାଗ ନୁହନ୍ତି । ଅର୍ଥାତ୍ ଈଶ୍ୱରଙ୍କୁ ତ 'ଏହା ଜଣା ଯେ, ମନୁଷ୍ୟ ତ୍ରୁଟି ଖାଇଥାଏ । କିନ୍ତୁ ତା'କୁ ଏହା ଜଣା ନଥାଏ ଯେ, ଜୈଦ୍ ବର୍ତ୍ତମାନ ତ୍ରୁଟି ଖାଉଛି । ଈଶ୍ୱରଙ୍କୁ ତ' ଏହା ଜ୍ଞାତ ଯେ, ମନୁଷ୍ୟମାନଙ୍କ ଘରେ ସନ୍ତାନ ଜନ୍ମ ହୁଅନ୍ତି। କିନ୍ତୁ ମନୁଷ୍ୟକୁ ଏହା ଜଣା ନଥାଏ ଯେ, ବର୍ତ୍ତମାନ ଜୈଦ୍ କିମ୍ବା ବକର୍ ଘରେ ଶିଶୁ ଜନ୍ମ ହୋଇଛି ।

ଅତଏବ୍ ଉକ୍ତ ଚିନ୍ତାଧାରର ମୂଳଦୁଆ ଏହା ଉପେରେ ଆଧାରିତ ଯେ, ମନୁଷ୍ୟ ନିଜର ସୀମିତ ଶକ୍ତି ଦ୍ୱାରା ପରମେଶ୍ୱରଙ୍କ ଶକ୍ତିରକୁ ଆକଳନ କରିଥାଏ । କିନ୍ତୁ ଆଜି ଦେଖ ସେହି ଦୁର୍ବଳ ବ୍ୟକ୍ତି ଯିଏ ମନୁଷ୍ୟର ଶକ୍ତିକୁ ତଳେ ପକାଉଥିଲେ, ସେମାନଙ୍କୁ ଈଶ୍ୱର କହିଲେ ,ତୁମେମାନେ ଆମ୍ଭର (ଅଲ୍ଲାଃତାଲାଙ୍କ ଶକ୍ତି) ଶକ୍ତିକୁ ଆକଳନ କରି ପାରିବ ନାହିଁ । ଆସ ମୁଁ ତୁମମାନଙ୍କୁ ନିଜ ଶକ୍ତି ସଂପର୍କରେ ସୂଚନା ପ୍ରଦାନ କରୁଛି ଯେ, ତୁମେମାନେ ନିଜର ସ୍ୱରକୁ କେଉଁ ପର୍ଯ୍ୟନ୍ତ ପହଞ୍ଚାଇ ପାରିବ ? ତୁମେମାନେ କେତେ ଦୂର ପର୍ଯ୍ୟନ୍ତ ସ୍ୱରକୁ ଭଲ ଭାବରେ ଶୁଣି ପାରିବ ।

ଅତଏବ୍ ଈଶ୍ୱର ବେତାର ଯନ୍ତ୍ର ଉଦ୍ଭାବନ କରି ଏହା ଦେଖାଇଦେଲେ ଯେ, ଯେତେବେଳେ ତୁମମମାନଙ୍କ ପରି ନିକୃଷ୍ଟ ଏବଂ ତିରସ୍କୃତ ଅସ୍ତିତ୍ୱ ସମଗ୍ର ସଂସାରରେ ନିଜର ସ୍ୱରକୁ ବେତାର ଯନ୍ତ୍ର ସାହାଯ୍ୟରେ ଶୁଣି ପାରନ୍ତି ଏବଂ ସମଗ୍ର ସଂସାସରେ ନିଜର ସ୍ୱରକୁ ପଞ୍ଚାଇ ପାରୁଛି। ତେବେ ସେହି ଈଶ୍ୱର ଯିଏ ତୁମମାନଙ୍କର ସୃଷ୍ଟିକର୍ତ୍ତା ଅଟନ୍ତି କ'ଣ ସେ ତୁମମାନଙ୍କର ସ୍ୱର ଶୁଣି ପାରିବେ ନାହିଁ ? ଆଜି ଯେତେବେଳେ ଇଂଲଣ୍ଡର ଏକ ଡୋମ୍ ନୀଚ ଜାତି (କିମ୍ବା ମିରାସି) (ଗାୟିକା ଡୋମିଣୀ) କିମ୍ବା ଜଣେ ଚରିତ୍ରହୀନା ଗାୟିକା ସମଗ୍ର ସଂସାରରେ ନିଜର ସ୍ୱର ପହଞ୍ଚାଇଥାଏ । ତେବେ ବାୟୁମଣ୍ଡଳର ପ୍ରତ୍ୟେକ ଗତିବିଧି ଏବଂ ଧ୍ୱନିର ପ୍ରତ୍ୟେକଟି ଆଲୋଡ଼ନ ବା କମ୍ପନ (ତରଙ୍ଗ) ଇଉରୋପର ଦାର୍ଶନିକମାନଙ୍କ ପ୍ରତି ଅଟ୍ଟହାସ୍ୟ ପ୍ରକାଶ କରିଥାଏ ଏବଂ ଏହା କହିଥାଏ କି ଆରେ ହତଭାଗ୍ୟ ! ବର୍ତ୍ତମାନ କୁହ କି କ'ଣ ଈଶ୍ୱର ସମସ୍ତ ସଂସାରର ସ୍ୱର ଶୁଣି ପାରନ୍ତି ନାହିଁ ? ସେହିପରି ବର୍ତ୍ତମାନେ ବଡ଼ ବଡ଼ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ ହୋଇ ସାରିଛି । ସେହି ଦୂରବୀକ୍ଷଣ ମାଧ୍ୟମରେ ଲକ୍ଷ ଲକ୍ଷ ମାଇଲ୍ ଦୂରତାରେ ଅବସ୍ଥିତ ଥିବା ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧିକୁ ଅତି ସହଜରେ ଲକ୍ଷ୍ୟ କରାଯାଇ ପାରୁଛି ଓ ଆକଳନ ମଧ କରାଯାଇ ପାରୁଛି। ବର୍ତ୍ତମାନ ବେତାର ଯନ୍ତ୍ରପାତି ଏତେ ଉନ୍ନତି ଏବଂ ଅଗ୍ରଗତି କରି ସାରିଛି ଯେ, ଚେହେରା ମଧ ଦୂର ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଯାଉଛି । ଅତଏବ୍ ଯେଉଁ ସନ୍ଦେହ ସୃଷ୍ଟି କରାଯାଇଥିଲା ଯେ, ଈଶ୍ୱର କିପରି ସମଗ୍ର ସଂସାରକୁ ଦେଖି ପାରନ୍ତି ଏବଂ କିପରି ସମଗ୍ର ସଂସାର ତଥା ବିଶ୍ୱର ସ୍ୱରକୁ ଶୁଣି ପାରନ୍ତି । ଉକ୍ତ ଉନ୍ନତି ମନୁଷ୍ୟ ମନରେ ଥିବା ସନ୍ଦେହକୁ ଦୂରୀଭୂତ କରିଦେଲା ଏବଂ କହିଦେଲା ଯେ, ଯେତେବେଳେ ସାଧାରଣ ବ୍ୟକ୍ତି ମଧ୍ୟରେ ଅଲ୍ଲାଃତାଲା ଏପରି ସାମର୍ଥ୍ୟ ରଖି ଦେଇଛନ୍ତି ଯେ, ସେ ନିଜର ସମସ୍ତ ସ୍ୱରକୁ ସଂସାରବାସୀଙ୍କୁ ଶୁଣାଇଇ ପାରୁଛି ଏବଂ ପୃଥିବୀର ଅନ୍ୟ ପ୍ରାନ୍ତରେ ଥିବା ବ୍ୟକ୍ତିର କଥାକୁ) ସ୍ୱରକୁ (ଅତି ସହଜରେ ଶୁଣି ପାରୁଛି । କେବଳ ସ୍ୱରକୁ ଶୁଣାପାରୁ ନାହିଁ ବରଂ ତା'ର ମୁଖମଣ୍ଡଳକୁ) ଚେହେରାକୁ ମଧ ଦେଖିପାରିଥାଏ। ଅତଏବ୍ ପରମେଶ୍ୱର ଯାହାଙ୍କ ହସ୍ତରେ ସବୁ କିଛି ରହିଛି ସେ କ'ଣ ପ୍ରତ୍ୟେକ ବସ୍ତୁକୁ ଦେଖି ପାରନ୍ତି ନାହିଁ ଏବଂ ପ୍ରତ୍ୟେକର ବ୍ୟକ୍ତିର ସ୍ୱରକୁ ଶୁଣି ପାରନ୍ତି ନାହିଁ ? ଈଶ୍ୱର ଯେତେବେଳେ ପ୍ରତ୍ୟେକ ବସ୍ତୁକୁ ଦେଖି ପାରୁଛନ୍ତି ଓ ପ୍ରତ୍ୟେକ ବ୍ୟକ୍ତିର ସ୍ୱରକୁ ଶୁଣିପାରୁଛନ୍ତି ତେବେ ତା'ଙ୍କ ନିମନ୍ତେ କୌଣସି ସହାୟକ ଈଶ୍ୱରଙ୍କର କୌଣସି ଆବଶ୍ୟକତା ରହିଲା ନାହିଁ ? ସେହି ଏକ ଈଶ୍ୱର ହିଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତା ଅଟନ୍ତି ଏବଂ ସେ ହିଁ ସମସ୍ତଙ୍କ ଉପରେ ରାଜତ୍ୱ କରନ୍ତି ।

ଅତଏବ୍ مَا قَدَرُوا اللّٰهَ حَقَّ قَدْرِ ରେ ଅଲ୍ଲାଃତାଲା ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ବ୍ୟକ୍ତିମାନଙ୍କର ଉକ୍ତ ମୌଳିକ ଭ୍ରମ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ସେ ମାନବିକ ଶକ୍ତି ଉପରେ ଅନୁମାନ କରି ଐଶ୍ୱରିକ ଶକ୍ତିକୁ ଅଣଦେଖା କରିଦେଇ ଥାଆନ୍ତି । ଏହିପରି ଭାବରେ ଶର୍କ (ଈଶ୍ୱରଙ୍କ ସହିତ ସମକକ୍ଷ କରିବା) କଳୁଷିତ ବିଶ୍ୱାସ ଏବଂ ଆସ୍ଥାରେ ପ୍ରପୀଡ଼ିତ ହୋଇଯାଇ ଥାଆନ୍ତି । **(ତଫ୍‌ସିର୍ କବିର୍, ଭାଗ-6, ପୃ-97-98, ପ୍ରକାଶନ ସ୍ଥାନ-2010)**

☆☆☆ ☆☆☆

**ବିଗତ ସଂଖ୍ୟା 09 ଓ ପୃ-12ରେ ବର୍ଣ୍ଣିତ ଜଲ୍‌ସା ସାଲାନ ସଂପର୍କିତ ରିପୋର୍ଟର ଅବଶିଷ୍ଟାଂଶ....**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି:" ଆମେମାନେ ଯେତେବେଳେ ନ୍ୟାୟ ଦୃଷ୍ଟିରୁ ଦେଖି ସେତେବେଳେ ଅବତାରତ୍ୱର ପରମ୍ପରା ମଧ୍ୟରୁ ସର୍ବୋଚ୍ଚ ସ୍ତରୀୟ ବୀର ଏବଂ ସାହସୀ ଅବତାର ଏବଂ ଜୀବନ୍ତ ଅବତାର ଏବଂ ଈଶ୍ୱରଙ୍କ ସର୍ବୋଚ୍ଚ ସ୍ତରୀୟ ପ୍ରିୟାବତାର କେବଳ ଓ କେବଳ ଗୋଟିଏ ପୁରୁଷଙ୍କୁ ହିଁ ଆମେମାନେ ଜାଣୁ। ଅର୍ଥାତ୍ ସେ ହିଁ ଅବତାରମାନଙ୍କର ଅଧିପତି ତଥା ଶିରୋମଣି ଏବଂ ଅବତାରମାନଙ୍କର ଗର୍ବ ଏବଂ ଗୌରବ ଓ ଶିରୋମଣି ଅଟନ୍ତି । ସେହି ମହାବତାରଙ୍କ ନାମ ହ.ମୁହମ୍ମଦ୍ ମୁସ୍ତଫା ସ.ଅ ତଥା ସେ ହିଁ ମନୋନୀତ ଅହେମଦ ଅଟନ୍ତି । ସେହି ମହାବତାରଙ୍କ ଛତ୍ରଛାୟାରେ ଦଶ ଦିନ ଚାଲିଲେ ଏପରି ଦିବ୍ୟାଲୋକ ପ୍ରାପ୍ତ ହୋଇଥାଏ ଯାହାକି ପୂର୍ବେ ସହସ୍ର ସହସ୍ର ବର୍ଷ ଧରି (ପର୍ଯ୍ୟନ୍ତ) ଚାଲିବା ଦ୍ୱାରା ପ୍ରାପ୍ତ ହୋଇ ପାରିବ ନାହିଁ ।"

**(ସିରାଜୁମ୍ ମୁନୀର୍, ରୁହାନୀ ଖଜାଏନ୍-12, ପୃ-89)**

ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଦିନେ ରାତ୍ର ସମୟରେ ଏହି ବିନୀତ ଏତେ ମାତ୍ରାରେ ଦୁରୁଦ୍ ଶରୀଫ୍ ପାଠ କଲା ଯେ, ମନ ଓ ପ୍ରାଣ ଦୁରୁଦ୍ ଶରୀଫ୍ ଦ୍ୱାରା ପରିପୂର୍ଣ୍ଣ ହୋଇଗଲା । ସେହିପରି ମୁଁ ରାତ୍ରରେ ସ୍ୱପ୍ନରେ ଦେଖିଲି ଯ, ସ୍ୱଚ୍ଛ ଓ ପରିଷ୍କାର ଜଳାକୃତିର ଏକ ଆଲୋକ ଥଳୀ ଏହି ବିନୀତ ଘରକୁ ଦେବଦୂତମାନେ ଘିନି ଆଣିଛନ୍ତି । ସେହି ଦେବଦୂତମାନଙ୍କ ମଧ୍ୟରୁ ଜଣେ ଦେବଦୂତ କହିଲା କି, ମହୋଦୟ ! ଏ ହେଉଛି ସେହି କଲ୍ୟାଣ ଯାହାକୁ ତୁମ୍ଭେ ମୁହମ୍ମଦ ସ.ଅଙ୍କ ଆଡ଼କୁ ପ୍ରେରଣ କରିଥିଲ । ଠିକ୍ ସେହିପରି ମୋତେ ଏକ ବିଚିତ୍ର ଘଟଣା ମନେ ପଡ଼ିଲା । ତାହା ଏହିକି ଯେ, ଏକଦା ମୋ ଉପରେ ଐଶୀବାଣୀ ହେଲା ଯେ, ଈଶ୍ୱରଲୋକରେ (ବୈକୁଣ୍ଠ ପୁରରେ) ଲୋକମାନେ ପରସ୍ପର ମଧ୍ୟରେ କଳହ କରୁଛନ୍ତି । ଅର୍ଥାତ୍ ଈଶ୍ୱର ଧର୍ମକୁ ପୁନର୍ଜୀବିତ କରିବା ନିମନ୍ତେ ଉତ୍ସାହିତ ଅଛନ୍ତି । କିନ୍ତୁ ଏଯାବତ୍ ବୈକୁଣ୍ଠବାସୀଙ୍କ ସମକ୍ଷରେ ସେହି ବ୍ୟକ୍ତି ଯିଏ ଧର୍ମକୁ ପୁଣିଥରେ ପୁନର୍ଜୀବୀତ କରିବ ସେହି ବ୍ୟକ୍ତି ପ୍ରକଟିତ ଓ ଆବିର୍ଭୂତ ହୋଇ ନାହିଁ । ଏଣୁ ସେମାନେ ପରସ୍ପର ମଧ୍ୟରେ ମତପାର୍ଥକ୍ୟ କରୁଛନ୍ତି । ଠିକ୍ ସେହି ସମୟରେ ସ୍ୱପ୍ନରେ ମୁଁ ଦେଖିଲି ଯେ, ଲୋକମାନେ ସେହି ପୁନର୍ଜୀବିତକାରୀ ବ୍ୟକ୍ତିକୁ ଖୋଜି ବଲୁଛନ୍ତି । ଜଣେ ବ୍ୟକ୍ତି (ଦେବଦୂତ) ଏହି ବିନୀତ ସମକ୍ଷକୁ ଆସିଲା ଏବଂ ଇଙ୍ଗିତପୂର୍ବକ କହିଲା, هٰذَا رَجُلٌ يُّحِبُّ رَسُوْلَ اللّٰهِ ଏ ହେଉଛି ସେହି ବ୍ୟକ୍ତି ଯିଏ ଆଁହଜରତ ସ.ଅଙ୍କୁ ଭଲ ପାଏ (ଆଁହଜରତ ସ.ଅଙ୍କ ପ୍ରତି ଉକ୍ତ ବ୍ୟକ୍ତି ଜଣକ ଆନ୍ତରୀକତା ପ୍ରଦର୍ଶନ କରିଥାଏ) । ଉକ୍ତ କଥନରୁ ଏହା ଯଥାର୍ଥ ରହିଥିଲା ଯେ, ଆଁହଜରତ ସ.ଅଙ୍କ ଠାରୁ ଆଶୀର୍ବାଦ ଲୋଡ଼ିବାକୁ ହେଲେ ତାହାଙ୍କ ପ୍ରତି ଆନ୍ତରୀକତାମୂଳକ ଅଙ୍ଗୀକାର ପ୍ରଦର୍ଶନ କରିବାକୁ ହେବ । ଅତଏବ୍ ଏହି ସମସ୍ତ ଲକ୍ଷଣ ଉକ୍ତ ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ରହିଛି ଓ ସେହି ସମସ୍ତ ଲକ୍ଷଣ ଦ୍ୱାରା ଉକ୍ତ ବ୍ୟକ୍ତିର ପରୀକ୍ଷା ମଧ କରାଯାଇ ସାରିଛି ।" **(ବରାହିନେ ଅହେମଦିୟା, ଭାଗ-4, ରୁହାନୀ ଖଜାଏନ୍, ଭାଗ-1, ପୃ-598, ବି:ଦ୍ର ସଂଖ୍ୟା-3)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସାଂପ୍ରତିକ କାଳରେ ଈଶ୍ୱରଙ୍କର ଯେଉଁ ସବୁ କଲ୍ୟାଣ ଓ କୃପାବତୀର୍ଣ୍ଣ ହେଉଅଛି ତାହା ଆପଣ ସ.ଅଙ୍କର ହିଁ ଆଜ୍ଞାବହତା ଓ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ । **(ଅବଶିଷ୍ଟାଂଶ.....ପୃ-09ରେ)**

## (ଖୁତ୍‌ବା ଜୁମା)

**ଜନୈକା ମହିଳା ଉପରେ ହତ୍ୟାର କୌଣସି ଆରୋପ ଲାଗି ନାହିଁ ସେହି ମହିଳାକୁ ବନ୍ଦୀ କରି ଶୀତଳ ସମୟରେ ବଧ କରିବା, ପୁନଶ୍ଚ ବଧ ପୁଣି ଏଭଳି ଢଙ୍ଗରେ କରିବା ଯାହା ଉକ୍ତ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଏହା ଅସମ୍ଭବ କଥା ଅଟେ ।**
**ଇସ୍‌ଲାମ୍ ଧର୍ମ ଯୁଦ୍ଧ ସମୟରେ ଏବଂ ଯୁଦ୍ଧ ଭୂମିରେ ମହିଳାମାନଙ୍କୁ ବଧ କରିବାକୁ ଦୃଢ ରୂପେ ରୋକିଥାଏ । (ସିରତ୍ ଖାତମୁନ୍ ନବୀୟିନ୍)**

— — — — — — — — — — — — — — — — — — —

**ପ୍ରଶ୍ନ ଏହିକି ଯେ, ଯେତେବେଳେ ସାହାବାମାନେ ଉମ୍ମେ ଫିର୍କା ଠାରୁ ଘୋର ଏବଂ ରକ୍ତାକ୍ତ ଶତ୍ରୁ ଏବଂ ପୁନଶ୍ଚ ପୁରୁଷ ଶତ୍ରୁମାନଙ୍କୁ ମଧ୍ୟ କେବେବି ଏପରି ବଧ କରି ନାହାନ୍ତି । ତେଣୁ ଏପରି ଭାବିବା କି ଜୈଦ୍ ବିନ୍ ହାର୍‌ସାଙ୍କ ପରି ଜାଣିଥିବା ସାହାବିଙ୍କ ନେତୃତ୍ୱରେ ଏକ ବୃଦ୍ଧା ମହିଳା ପ୍ରତି ଏଭଳି ଆଚରଣ ପ୍ରଦର୍ଶନ କରାଯାଇଥିବ ତାହା କଦାପି ସ୍ୱୀକାରଯୋଗ୍ୟ ହୋଇ ପାରିବ ନାହିଁ ।**

— — — — — — — — — — — — — — — — — — —

**ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉମ୍ମେ ଫିର୍କାର ବୀଭତ୍ସମୂଳକ ବଧ ସଂପର୍କିତ ଘଟଣା ଏକ ମିଥ୍ୟାଧାରିତ ଓ ଭିତ୍ତିହୀନ ଘଟଣା ଅଟେ । ଉକ୍ତ ଘଟଣାଟି ଇସ୍‌ଲାମ୍ ଧର୍ମର କୌଣସି ଗୁପ୍ତ ଶତ୍ରୁ ଦ୍ୱାରା କେତେକ ଐତିହାସିକ ବର୍ଣ୍ଣନାମାନଙ୍କରେ ପ୍ରବିଷ୍ଟ ହୋଇ ସ୍ଥାନିତ ହୋଇଯାଇଛି । ବାସ୍ତବତା ଏହିକି ଯେ, ଉକ୍ତ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ ତାହାକୁ ସରିୟା କୁହାଯାଏ)ର ସତ୍ୟତା ଏହାଠୁ ଅଧିକ ଆଉ କିଛି ନୁହେଁ ଯେ, ଉକ୍ତ ବର୍ଣ୍ଣନାକୁ ମୁସ୍‌ଲିମ୍ ଏବଂ ଅବୁ ଦାଉଦ୍ (ବର୍ଣ୍ଣନାକାରୀ) ବର୍ଣ୍ଣନା କରିଛନ୍ତି ।**

— — — — — — — — — — — — — — — — — — —

**ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଆମେମାନେ ଏହା ସ୍ୱୀକାର କରୁ କି ଇସ୍‌ଲାମ୍ ଧର୍ମ ମିଥ୍ୟା ଆବେଗର ଧର୍ମ ନୁହେଁ । ଇସ୍‌ଲାମ୍ ଧର୍ମ ଅପରାଧୀ ଏବଂ ଦୋଷୀକୁ ଦୋଷୀ ଓ ଅପରାଧୀ ବୋଲି ବିବେଚିତ କରିଥାଏ, ଦୋଷୀର ଶାସ୍ତିକୁ ଦେଶ ଏବଂ ସମାଜ ପାଇଁ କୃପା ବୋଲି ମନେକରିଥାଏ । ଇସ୍‌ଲାମ୍ ଧର୍ମ ଶରୀରେ ଥିବା ପଚ୍ଚା (ଦୁର୍ଗନ୍ଧଯୁକ୍ତ) ଅଙ୍ଗକୁ ଶରୀରୁ କାଟି ଫିଙ୍ଗି ଦେବା ନିମନ୍ତେ ଶିକ୍ଷା ଦେଇଥାଏ । ଇସ୍‌ଲାମ୍ ଧର୍ମ ଏହି ଆବେଗ ପରିପ୍ରକାଶ କରେ ନାହିଁ ଯେ, ଏକ ଦୁର୍ଗନ୍ଧଯୁକ୍ତ ଅଙ୍ଗ ସୁସ୍ଥ ଅଙ୍ଗକୁ ଖରାପ କରିଦେଉ ।**

— — — — — — — — — — — — — — — — — — —

**ବନୁ ଫଜାରାହ୍ ଯୁଦ୍ଧ ଏବଂ ଅବଦୁଲ୍ଲାଃ ବିନ୍ ଅତିକ୍ ଯୁଦ୍ଧ । ସେହିପରି ମଦିନାରେ ଉପଦ୍ରବ ସୃଷ୍ଟିକାରୀ ଓ ପ୍ରସାରିତକାରୀ ଇହୁଦୀ ବ୍ୟକ୍ତି ଅବୁ ରାଫେର ବଧ ହେବା ପରର ପରିସ୍ଥିତିର ସୁବିସ୍ତୃତ ବିବରଣୀ ।**

— — — — — — — — — — — — — — — — — — —

**10 JANUARY 2025 ମସିହା ଅନୁଯାୟୀ ୧୦ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ ସ.ଅଙ୍କ କାଳରେ ହୋଇଥିବା ସରାୟା ଏବଂ ଯୁଦ୍ଧର ଚର୍ଚ୍ଚା ଜାରି ରହିଥିଲା। ସେହି କ୍ରମରେ ବନୁ ଫଜାରାହ୍‌ର ଯୁଦ୍ଧର ଚର୍ଚ୍ଚା ହୋଇଥିଲା । ଇତିହାସରେ ବନୁ ଫଜାରାହ୍ ବିରୁଦ୍ଧରେ ଏକ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ ବରଂ ଅନ୍ୟ ସେନାପତିମାନଙ୍କୁ ପ୍ରେରଣ କରୁଥିଲେ ସେହିପରି ଯୁଦ୍ଧକୁ ସରିୟା ବୋଲି କୁହାଯାଏ ସରାୟା ହେଉଛି ଏହାର ବହୁ ବଚନ) ହୋଇଥିଲା । ଉକ୍ତ ସରିୟାରେ ଯେଉଁ ଘଟଣାର ଚର୍ଚ୍ଚା ମିଳେ ତାହା ହେଲା ଉମ୍ମେ ଫିର୍କାର ବଧର ଘଟଣା । କେତେକ ଇତିହାସବିତ୍‌ମାନେ ଉକ୍ତ ଘଟଣାକୁ ଯେଭଳି ଭାବରେ ଉଲ୍ଲେଖ କରିଛନ୍ତି ତହିଁରୁ ଏହା ସ୍ପଷ୍ଟ ହୋଇଯାଏ ଯେ ତାହା ବାସ୍ତବତା ବିପରୀତ ଘଟଣା ଅଟେ । ସାହାବାମାନେ ଆଁହଜରତ ସେବାରେ ଉପସ୍ଥିତ ହେଲେ ଏବଂ ଆଁହଜରତ ସ.ଅଙ୍କୁ ଘଟଣା ସଂକ୍ରାନ୍ତରେ ସୂଚନା ପ୍ରଦାନ କଲେ । ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଆକ୍ରମଣକାରୀଙ୍କ ଅଭିମୁଖେ ପ୍ରେରରଣ କଲେ । ଏହି ଲୋକମାନେ ଯେଉଁମାନେ ମୁସଲମାନ ରହିଥିଲେ ସେମାନେ ଦିନ ବେଳା ଲୁଚି ଯାଉଥିଲେ ଏବଂ ରାତ୍ର ସମୟରେ ଚାଲୁଥିଲେ। କିନ୍ତୁ ବନୁ ବଦରଙ୍କୁ ଏମାନଙ୍କ ଆଗମନ ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହୋଇଗଲା । ପୁନଶ୍ଚ ହ. ଜୈଦ୍ ର.ଅ ଏବଂ ଆପଣ ର.ଅଙ୍କ ସାଥିମାନେ ସକାଳ ସମୟରେ ସେହି ଲୋକମାନଙ୍କ ନିକଟରେ ପହଞ୍ଚିଲେ ଏବଂ ଅଲ୍ଲାଃହୁ ଅକବରର ସ୍ଲୋଗାନ ଦେଲେ ଏବଂ ଯେଉଁମାନେ ସେଠାରେ ଉପସ୍ଥିତ ରହିଥିଲେ ସେମାନଙ୍କୁ ଘେରିନେଲେ । ଉମ୍ମେ ଫିର୍କାକୁ ଯାହାର ପ୍ରକୃତ ନାମ ଫାତିମା ବିନ୍ତ୍ ରବିୟା ବିନ୍ ବଦର୍ ଥିଲା ଏବଂ ତା'ର ପୁତ୍ରୀ ଯାରିୟା ବିନ୍ତ୍ ମାଲିକ୍ ବିନ୍ ହୁଜୈଫା ବିନ୍ ବଦର୍‌କୁ ଗିରଫ କରିନିଆଗଲା । ଯାରିୟା କୁ ହ. ସଲ୍‌ମା ବିନ୍ ଅକ୍‌ୱା ଗିରଫ କରିନେଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ ଭେଟି ସ୍ୱରୂପ ପ୍ରଦାନ କରିଦେଲେ । ରସୁଲୁଲ୍ଲାଃ ସ.ଅ ଏତଦ୍‌ପରେ ହଜନ୍ ବିନ୍ ଅବି ୱହବ୍‌ଙ୍କୁ ଭେଟି ସ୍ୱରୂପ ପ୍ରଦାନ କରିଦେଲେ ।

ଏଥି ସଂକ୍ରାନ୍ତରେ ଇତିହାସର କେତେକ ପୁସ୍ତକମାନଙ୍କର ଉମ୍ମେ ଫିର୍କାର ବଧ ଘଟଣା ସଂପର୍କରେ ବିଚିତ୍ର ଢଙ୍ଗରେ ଉପସ୍ଥାପିତ କରାଯାଇଅଛି ଯାହାକି ଇସ୍‌ଲାମୀୟ ଶିକ୍ଷା ଓ କର୍ମ ପ୍ରକାଶାନୁଯାୟୀ ସ୍ୱୀକାର କରିବା ସମ୍ଭବପର ନୁହେଁ । ସେ ଯାହା ହେଉ କେତେକ ପୁସ୍ତକମାନଙ୍କରେ ଏହା ଉଲ୍ଲେଖ ରହିଛି ଯେ, କୈସ୍ ବିନ୍ ମୁହସ୍‌ସିର ଉମ୍ମେ ଫିର୍କା ଆଡ଼କୁ ଯିବା ନିମନ୍ତେ ସ୍ଥିର କଲେ । ଉମ୍ମେ ଫିର୍କା ଜନୈକା ବୃଦ୍ଧା ମହିଳା ଥିଲା। କୈସ୍ ଉକ୍ତ ମହିଳାକୁ ଅତ୍ୟନ୍ତ କ୍ରୂରତା ପୂର୍ବକ ବଧ କରିଥିଲେ । ଉମ୍ମେ ଫିର୍କାର ଦୁଇ ଗୋଡ଼କୁ ଦଉଡ଼ି ଦ୍ୱାରା ଓଟ ସହିତ ବାନ୍ଧିଦେଲେ । ଏତଦପରେ ଓଟକୁ ଆଗକୁ ଯିବା ନିମନ୍ତେ କହିଲେ । ତେବେ ଓଟମାନେ ବୀପରୀତ ଦିଗରେ ଦଉଡ଼ିବାକୁ ଲାଗିଲେ ଫଳତଃ ସେହି ମହିଳା ଦୁଇଖଣ୍ଡ ହୋଇଗଲା । ଏଥି ସହିତ କୈସ୍ ଦୁଇଜଣ ଲୋକମାନଙ୍କୁ ମଧ୍ୟ ବଧ କରିଦେଲେ । ହ. ଜୈଦ୍ ବିନ୍ ହାର୍‌ସା ର.ଅ ନିଜର ଉକ୍ତ ଅଭିଯାନରୁ ଫେରିଲେ ଏବଂ ନବୀ କରୀମ୍ ସ.ଅଙ୍କ ଦ୍ୱାରସ୍ଥ ହୋଇ କବାଟ ଠକ୍ ଠକ୍ କଲେ । ଆପଣ ସ.ଅ ନିଜର ବସ୍ତ୍ରକୁ ଟାଣି ଜୈଦ୍ ଅଭିମୁଖେ ଛିଡ଼ା ହୋଇ ପଡ଼ିଲେ। ଏପର୍ଯ୍ୟନ୍ତକି ଜୈଦ୍ ର.ଅଙ୍କୁ ଆଲିଙ୍ଗନ (କୁଣ୍ଢାଇ) କରିନେଲେ ଏବଂ ତାଙ୍କୁ ଚୁମ୍ବନ ଦେଲେ ଓ ଜୈଦ୍ ର.ଅଙ୍କ ଅବସ୍ଥା ଯେତେବେଳେ ପଚାରି ବୁଝିଲେ ସେତେବେଳେ ହ. ଜୈଦ୍ ର.ଅ ଆପଣ ସ.ଅଙ୍କୁ ସେହି ଯୁଦ୍ଧ ସଂପର୍କରେ ସୂଚନା ପ୍ରଦାନ କଲେ ଯେଉଁ ଯୁଦ୍ଧରେ ଆପଣ ର.ଅଙ୍କୁ ଅଲ୍ଲାଃତାଲା ବିଜୟ ପ୍ରଦାନ କରିଥିଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-69,ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (କିତାବୁଲ୍ ମୁଗାଜି ୱକିଦି, ଭାଗ-2, ପୃ-61, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରାଯାଇଛି ଯେ, ଉମ୍ମେ ଫିର୍କାକୁ ଦୁଇ ଖଣ୍ଡ କରି ଦିଆଯାଇଥିଲା । ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ପ୍ରମାଣର ସହିତ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଚର୍ଚ୍ଚା କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି: "ସରିୟା ହ. ଅବୁ ବକ୍କର ର.ଅଙ୍କ ସ୍ଥାନରେ ଯେଉଁ ସରିୟାର ବର୍ତ୍ତମାନ ଚର୍ଚ୍ଚା ହୋଇଛି........ଇବ୍‌ନେ ସାଆଦ୍ ଏପରି ସରିୟାର ଚର୍ଚ୍ଚା କରିଛନ୍ତି ଯେଉଁ ସରିୟାରେ ଜୈଦ୍ ବିନ୍ ହାରସା ଅମୀର୍ (ସେନାପତି) ଥିଲେ । ଅର୍ଥାତ୍ ଇବ୍‌ନେ ସାଆଦ୍ ଉକ୍ତ ସରିୟାରେ ହ. ଅବୁ ବକ୍କର ର.ଅଙ୍କ ବଦଳରେ ଜୈଦ୍ ବିନ୍ ହାର୍‌ସାଙ୍କୁ ଅମୀର ରୂପେ ନିଯୁକ୍ତ କରିଥିଲେ। ବର୍ଣ୍ଣନାରେ ମଧ୍ୟ କିଛିଟା ମତପାର୍ଥକ୍ୟ ପ୍ରକାଶ କରି ଉଲ୍ଲେଖ ରହିଛି ଯେ, ଉକ୍ତ ଅଭିଯାନ ବନୁ ଫଜାରାହ୍ ସଂପ୍ରଦାୟର କାନ ଧରିବା ନିମନ୍ତେ (ଶାସ୍ତି ଦେବା) ଉଦ୍ଦିଷ୍ଟ ଥିଲା । ଉକ୍ତ ସଂପ୍ରଦାୟ ୱାଦିଉଲ୍ କୁରା ନିକଟରେ ବସତି ସ୍ଥାପନ କରିଥିଲା । ଉକ୍ତ ସଂପ୍ରଦାୟ ମୁସଲମାନମାନଙ୍କର ଏକ ବ୍ୟବସାୟିକ ଯାତ୍ରୀସମୂହ ଉପରେ ଚଢଉ କରି ମୁସଲମାନମାନଙ୍କର ସମସ୍ତ ଧନ ଏବଂ ଆସବାବ ପତ୍ର ଲୁଟି ନେଇଥିଲା । ଉକ୍ତ ଉପଦ୍ରବୀ ଗୋଷ୍ଠୀର ଚଳତ୍ ଆତ୍ମା ଜନୈକା ବୃଦ୍ଧା ମହିଳା ଥିଲା । ଯାହାର ନମା ମହିଳାର ଉମ୍ମେ ଫିର୍କା ଥିଲା । ଏହି ମହିଳା ଜଣକ ଇସ୍‌ଲାମ୍ ଧର୍ମର ପରମ ଶତ୍ରୁ ଥିଲା । ଯେତେବେଳେ ଉକ୍ତ ମହିଳା ଜଣକ ଯୁଦ୍ଧରେ ଧରା ପଡ଼ିଲା ସେତେବେଳେ ଜୈଦ୍‌ଙ୍କ ଦଳର କୈସ୍ ନାମକ ଜନୈକ ବ୍ୟକ୍ତି ସେହି ମହିଳାର ସଂହାର କରିଦେଲେ।

ଇବ୍‌ନେ ସାଆଦଙ୍କ ଉକ୍ତ ସଂହାର ଘଟଣା ସଂପର୍କରେ ଇତିହାସବିତମାନେ ଏହିପରି ବର୍ଣ୍ଣନା କରନ୍ତି: "ଉମ୍ମେ ଫିର୍କାର ଦୁଇ ଗୋଡ଼ରେ ଦଉଡ଼ି ବାନ୍ଧି ଦେଇ ଦୁଇଟି ଭିନ୍ନ ଭିନ୍ନ ଓଟ ସହିତ ବାନ୍ଧି ଦିଆଗଲା । ପୁନଶ୍ଚ ସେହି ଦୁଇ ଓଟକୁ ବିପରୀତ ଦିଗରେ ଘଉଡ଼ାଇ ଦିଆଗଲା ଯଦ୍ୱାରାକି ଉକ୍ତ ମହିଳା ଜଣକ ମଝିରୁ ଦୁଇ ଫାଳ ହୋଇଗଲା। ଏତଦ୍‌ପରେ ସେହି ବୃଦ୍ଧା ମହିଳାର ମୃତ ଶରୀରକୁ ତା'ର କନ୍ୟା ସଲ୍‌ମା ବିନ୍ ଅକ୍‌ୱାକୁ ହସ୍ତାନ୍ତର କରିଦିଆଗଲା । ଉକ୍ତ ଘଟଣାଟି କିପରି ସଂକ୍ଷିପ୍ତ ଏବଂ ସ୍ପଷ୍ଟ ଓ ମତପାର୍ଥକ୍ୟର ସହିତ ଇବ୍‌ନେ ଇସ୍‌ହାକ୍ ମଧ୍ୟ ବର୍ଣ୍ଣନା କରିଛନ୍ତି ।"

ଉକ୍ତ ବର୍ଣ୍ଣନାକୁ ଆୟୁଦ୍ଧ କରି ସାର୍ ୱିଲିୟମ୍ ମିଓର୍ ନାମକ ପ୍ରାଚ୍ୟତତ୍ତ୍ୱବିତ ଅନ୍ୟ ଇଉରୋପୀୟ ଇତିହାସବିତ୍‌ଙ୍କ ଅପେକ୍ଷା ଅଧିକ ବିସ୍ତୃତତା ଏବଂ ବ୍ୟାପକତା ପ୍ରଦାନ କରିବାରେ ଅଭ୍ୟସ୍ତ ଅଟନ୍ତି । ଉକ୍ତ ଘଟଣାକୁ ମୁସଲନମାନମାନଙ୍କର "ନୃଶଂସନୀୟ ଏବଂ ବୀଭସ୍ତ ଆତ୍ମା"ର ଉଦାହରଣରେ ଅତ୍ୟନ୍ତ ଆଗ୍ରହର ସହକାରେ ନିଜର ପୁସ୍ତକର ସୌନ୍ଦର୍ଯ୍ୟ ରୂପେ ଗ୍ରହଣ କରିଛନ୍ତି । କେବଳ ସେତିକି ନୁହଁ ବରଂ ସାର୍ ୱିଲିୟମ୍ ମିଓର୍ ସାହେବ ତା'କୁ ନିଜର ପୁସ୍ତକରେ ଦରଜ୍ (ଉଲ୍ଲେଖ) କରିବାର କାରଣ ଏହା ବୋଲି ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଅଭିଯାନରେ ମୁସଲମାନମାନେ ଏକ କ୍ରୁରତାମୂଳକ କୃତ୍ୟ ସମ୍ପାଦନ କରିଥିଲେ ।

ସୁତରାଂ ୱିଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି:-"ସେହି ବର୍ଷ ମୁସଲମାନମାନଙ୍କୁ ଅନେକ ଅଭିଯାନରେ ମଦିନାରୁ ବାହାରକୁ ବାହିରିବାକୁ ପଡ଼ିଥିଲା । କିନ୍ତୁ ଏହା ଚର୍ଚ୍ଚା ଯୋଗ୍ୟ ପ୍ରସଙ୍ଗ ନୁହେଁ । କିନ୍ତୁ ମୁଁ ସେହି ପ୍ରସଙ୍ଗ ମଧ୍ୟରୁ ଗୋଟିଏ ଅଭିଯାନର ଚର୍ଚ୍ଚା କରିବାରୁ ଅଟକି ରହି ପାରିବି ନାହିଁ । କାରଣ ଏହାର ପରିଣାମ ମୁସଲମାନମାନଙ୍କ ପକ୍ଷରୁ ଏପରି ଏକ ଅତ୍ୟାଚାରମୂଳକ କୃତ୍ୟ ଉପରେ ସମ୍ପାଦିତ ହୋଇଥିଲା ।" ଉକ୍ତ ବିବୃତ୍ତି ହେଉଛି ସାର୍ ୱଲିୟମ୍ ମିଓର୍ ସାହେବଙ୍କର ଅଟେ ।

ୱିଲିୟମ୍ ମିଓରଙ୍କ ସମୀକ୍ଷା ଏବଂ ବିଶ୍ଳେଷଣ ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, "ଯେଉଁ ଇତିହାସବିତ୍ ଗୋଟିଏ ଘଟଣାକୁ ଅନ୍ୟ ଘଟଣା ସହିତ କେବଳ ଏହି କାରଣ ହେତୁ ଅଗ୍ରାଧିକାର ପ୍ରଦାନ କରି ତାହାକୁ ନିଜ ପୁସ୍ତକର ସୌନ୍ଦର୍ଯ୍ୟ ବୋଲି ଦର୍ଶାଉଛି । ସେ ଏହା କହୁଛି ଯେ, ତହିଁରେ ଏକ ଜାତି ପ୍ରତି ଅନ୍ୟାୟ ଏବଂ ଅତ୍ୟାଚାରର ପ୍ରମାଣ ମିଳିଥାଏ । ଏହାର ଅର୍ଥ ଏହିକି ଯେ, ସେ ୱିଲିୟମ୍ ମିଓର ସପକ୍ଷବାଦୀ ଥିଲା ଅସପକ୍ଷବାଦୀ ଗବେଷକ ନଥିଲା। କାରଣ ତା' ଠାରୁ ଏହି ଆଶା କରାଯାଇ ପାରିବ ନାହିଁ ଯେ, ସେ ଅସପକ୍ଷବାଦୀ ହୋଇ ନଥିବ । ସେ ଯଦି ଉକ୍ତ କଥାର ଗବେଷଣା ପ୍ରତି ଧ୍ୟାନ ଦେବ ଯେ, କ'ଣ ଉକ୍ତ ଅନ୍ୟାୟ ଏବଂ ଅତ୍ୟାଚାର ବାସ୍ତବ ଅଟେ ଅବା ନୁହେଁ ? କାରଣ ଏପରି କରିବା ଦ୍ୱାରା ତା' ହସ୍ତରୁ ପ୍ରମାଣ ବାହାରିଯିବ । ସେ ଯାହା ହେଉ ୱଲିୟମ୍ ମିଓର୍ ସାହେବ ଉକ୍ତ ଘଟଣାକୁ ବିଶେଷ ଆଗ୍ରହର ସହକାରେ ନିଜର ପୁସ୍ତକରେ ଉଲ୍ଲେଖ କରିଅଛି । କିନ୍ତୁ ମୁଁ (ଖଲିଫା ସାନି ର.ଅ) ବର୍ତ୍ତମାନ ଏହା ସାବ୍ୟସ୍ତ କରିବି ଯେ, ଉକ୍ତ ଘଟଣାଟି ସଂପୂର୍ଣ୍ଣ ରୂପେ ଭୁଲ୍ ଏବଂ ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଅଟେ । ବୌଦ୍ଧିକ ଏବଂ ଲିଖିତ ପ୍ରତ୍ୟେକ ପାର୍ଶ୍ୱରୁ ଏହାର କୃତ୍ରିମତା ସାବ୍ୟସ୍ତ ହୁଏ ।"

"ବୌଦ୍ଧିକ ରୂପେ ଏହା ଜାଣିବା ଉଚିତ୍ ଯେ, ଜଣେ ମହିଳା ଯାହା ଉପରେ ହତ୍ୟାର କୌଣସି କୌଣସି ଆରୋପ ଲାଗି ନାହିଁ, ସେହି ମହିଳାକୁ ବନ୍ଦୀ କରି ଶାନ୍ତିପୂର୍ଣ୍ଣ ସମୟରେ ବଧ କରିଦେବା ଓ ପୁନଶ୍ଚ ଏପରି ଭାବରେ ବଧ କରିବା ଯାହା ଉକ୍ତ ବର୍ଣ୍ଣନାରେ ବର୍ଣ୍ଣନା କରାଯାଇଛି । ଏହା ତ' ଏକ ଅସମ୍ଭବ କଥା ଅଟେ । ଇସ୍‌ଲାମ୍ ଧର୍ମ ତ' ଯୁଦ୍ଧ ସମୟରେ ମଧ୍ୟ ମହିଳାମାନଙ୍କୁ ହତ୍ୟା କରିବା ନିମନ୍ତେ ଦୃଢ଼ତାର ସହିତ ରୋକିଥାଏ ।"

ଏଥି ସଂକ୍ରାନ୍ତରେ ଆଁହଜରତ ସ.ଅ ଅନେକ ଥର ସ୍ପଷ୍ଟ ରୂପେ କହିଛନ୍ତି ଯେ, ମହିଳାମାନଙ୍କୁ ହତ୍ୟା କରିବ ନାହିଁ।..........ସୁତରାଂ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଏକ ଅବସରରେ ଯୁଦ୍ଧଭୂମିରେ କୌଣସି ଶତ୍ରୁ ସଂପ୍ରଦାୟର ଜନୈକା ମହିଳା ମୃତ ରୂପେ ମିଳିଲା । ତେବେ ଏସବୁ ସତ୍ତ୍ୱେ ଏହା ଜ୍ଞାତ ହୋଇ ପାରିଲା ନାହିଁ ଯେ, ଉକ୍ତ ମହିଳା ଜଣକ କେଉଁ ପରିସ୍ଥିତିରେ ଏବଂ କାହା ଦ୍ୱାରା ନିହତ ହୋଇଥିଲା। ଆପଣ ସ.ଅ ସେହି ମହିଳାକୁ ଦେଖି ଅତ୍ୟନ୍ତ କ୍ଷୁବ୍ଧ ଭାବ ପ୍ରକାଶ କଲେ ଏବଂ ଅସନ୍ତୋଷ ବ୍ୟକ୍ତ କଲେ । ଆପଣ ସ.ଅ ସାହାବାମାନଙ୍କୁ ତାଗିଦ୍ କଲେ ଯେ, ଏଭଳି କୃତ୍ୟ ଭବିଷ୍ୟରେ ଆଉ ଯେପରି ନହେଉ । ଅର୍ଥାତ୍ କୌଣସି ମହିଳାକୁ ତୁମେମାନେ ବଧ କରିବ ନାହିଁ.......ଅତଏବ୍ ଆଁହଜରତ ସ.ଅ ଯେତେବେଳେ ବି କୌଣସି ସୈନ୍ୟବାହିନୀକୁ ପ୍ରେରଣ କରୁଥିଲେ ସେତେବେଳେ ଆପଣ ସ.ଅ ସମସ୍ତ ସୈନ୍ୟବାହିନୀକୁ ଉପଦେଶ ଦେଉଥିଲେ । ବିଶେଷ କରି ଆପଣ ସ.ଅ ସାହାବାମାନଙ୍କୁ ସମସ୍ତ ଉପଦେଶ ଦେବା ପରେ ଆଉ ଏକ ଉପଦେଶ ମଧ୍ୟ ଦେଉଥିଲେ । ତାହା ଏହିକି ଯେ, କୌଣସି ମହିଳା ଏବଂ ଛୋଟ ପିଲାକୁ ବଧ କରା ନଯାଉ ।

ଉକ୍ତ ମୌଳିକ ଏବଂ ନୈତିକପୂର୍ଣ୍ଣ ମାର୍ଗଦର୍ଶିକା ଥାଉ ଥାଉ ସାହାବାମାନଙ୍କ ସଂକ୍ରାନ୍ତରେ ଏବଂ ସାହାବାମାନଙ୍କ ମଧ୍ୟରୁ ଜୈଦ୍ ବିନ୍ ହାର୍‌ସାଙ୍କ ସଂକ୍ରାନ୍ତରେ ଯେକି ଆଁହଜରତ ସ.ଅଙ୍କ ଘରର ସଦସ୍ୟ ଥିଲେ । ତାଙ୍କ ସଂକ୍ରାନ୍ତରେ ଏପରି ଭାବିବା କି ସେ କୌଣସି ମହିଳା ସହିତ ଏପରି ଆମାନୁଷିକ ପନ୍ଥା ଅର୍ଥାତ୍ ହତ୍ୟା ପନ୍ଥା ଅବଲମ୍ବନ କରିଥିଲେ କିମ୍ବା ଏପରି ପନ୍ଥା ସେ ଅବଲମ୍ବନ କରାଇ ଥିଲେ ଯାହା ଇବ୍‌ନେ ସାଆଦ୍ ବର୍ଣ୍ଣନା କରିଛନ୍ତି । ଏହା କଦାପି ଗ୍ରହଣଯୋଗ୍ୟ ହୋଇ ପାରିବ ନାହିଁ । ନିଃସନ୍ଦେହ ବର୍ଣ୍ଣନାରେ ହତ୍ୟା କରିବାର କୃତ୍ୟ ପ୍ରତି ଇଙ୍ଗିତ କରାଯାଇ ନାହିଁ। ବରଂ ଅନ୍ୟ ମୁସଲମାନ ବ୍ୟକ୍ତି ଆଡ଼କୁ ମଧ୍ୟ ଇଙ୍ଗିତ କରାଯାଇ ନାହିଁ । କିନ୍ତୁ ଉକ୍ତ ଘଟଣାଟି ଯଦିଓ ହ. ଜୈଦ୍ ର.ଅଙ୍କ ନେତୃତ୍ୱରେ ହୋଇଥିଲା । ତେବେ ସେ ଯାହା ହେଉ ଉକ୍ତ ଶେଷ ଦାୟିତ୍ୱ ଜୈଦ୍‌ଙ୍କ ଉପରେ ହିଁ ନ୍ୟସ୍ତ ହେବ ବୋଲି ମନେକରାଯିବ। ହ. ଜୈଦ୍ ର.ଅଙ୍କ ସଂକ୍ରାନ୍ତରେ ଏହା ବିଚାର କରିବା କି ସେ ଆଁହଜରତ ସ.ଅଙ୍କ ଶିକ୍ଷାକୁ ଜାଣିବା ସତ୍ତ୍ୱେ ଏହି ପ୍ରକାରର କାର୍ଯ୍ୟ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲେ । ଏପରି କଦାପି ଗ୍ରହଣଯୋଗ୍ୟ ହୋଇ ପାରିବ ନାହିଁ । ନିଃସନ୍ଦେହ ଯଦି କୌଣସି ମହିଳା କୌଣସି ପାପ କିମ୍ବା ଅପରାଧ କରେ ତେବେ ସେହି ମହିଳା ଉକ୍ତ ଅପରାଧ ତଥା ପାପର ଦଣ୍ଡ ପାଇବ । କୌଣସି ଧର୍ମର ଧର୍ମବିଧାନ ଏବଂ କୌଣସି ଦେଶର ଆଇନ ମହିଳାକୁ ଅପରାଧର ଶାସ୍ତି ଦେବାକୁ ଅଟକାଇ ପାରିବ ନାହିଁ । ପ୍ରତ୍ୟେକ ଦିନ ଖବରକାଗଜମାନଙ୍କରେ ମହିଳାମାନଙ୍କୁ ହତ୍ୟା ଅପରାଧରେ ଫାଶୀ ଦଣ୍ଡ ଦିଆଯିବାର ଖବର ମଧ୍ୟ ପ୍ରକାଶ ପାଇଥାଏ । କିନ୍ତୁ କେବଳ ଧାର୍ମିକ ବିଦ୍ୱେଷ ଯୋଗୁଁ କିମ୍ବା ଯୁଦ୍ଧରେ ସାମିଲ୍ ହେବା ଯୋଗୁଁ କୌଣସି ମହିଳାକୁ ବଧ କରିବା ଏବଂ ବଧ ପୁଣି ଏପରି ଢଙ୍ଗରେ ଯେପରିକି ଉକ୍ତ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି । ଏହା ଏଭଳି ଏକ କୃତ୍ୟ ଯାହାକୁ ଆଁହଜରତ ସ.ଅଙ୍କ ନୈତିକ ସିଦ୍ଧାନ୍ତ, ମାର୍ଗଦର୍ଶିକା ଏବଂ ସମସ୍ତ ଇସ୍‌ଲାମୀୟ ଇତିହାସ ସ୍ପଷ୍ଟ ରୂପେ ଖଣ୍ଡନ କରିଥାଏ । ଯଦି ଏହା କୁହାଯାଏ ଯେ, ଉକ୍ତ ମହିଳା ଜଣକ ଦୋଷୀ ଥିଲା । ଯେପରିକି କେତେକ ବର୍ଣ୍ଣନାମାନଙ୍କରେ ବର୍ଣ୍ଣିତ ହୋଇଛି ଯେ, ସେହି ମହିଳା ଅର୍ଥାତ୍ ଉମ୍ମେ ଫିର୍କା ଆଁହଜରତ ସ.ଅଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରିଥିଲା । ସେଇଥି ପାଇଁ ତା' (ସେହି ମହିଳା ଅର୍ଥାତ୍ ଉମ୍ମେ ଫିର୍କା) ବିରୁଦ୍ଧରେ ଉଚିତ୍ ସ୍ୱରୂପ ବଧର ଶାସ୍ତି ଜାରି କରାଯାଇ ପାରିଥାଅନ୍ତା। ଏପରି କରିବା ଉଚିତ୍ ଥିଲା । କିନ୍ତୁ ପ୍ରଶ୍ନ ଏହିକି ଯେ, ସାହାବାମାନେ ଉମ୍ମେ ଫିର୍କା ପ୍ରତି ଅତ୍ୟଧିକ ରକ୍ତାକ୍ତ ଓ ପୁରୁଷ ଶତ୍ରୁମାନଙ୍କୁ ମଧ୍ୟ ଏପରି ସଂହାରେ କରି ନାହାନ୍ତି । ତେଣୁ ଏପିର ବିଚାର କରିବା ଯେ, ଜୈଦ୍ ବିନ୍ ହାର୍‌ସାଙ୍କ ଭଳି ଜଣେ ଜଣାଶୁଣା ସାହାବିଙ୍କ ନେତୃତ୍ୱରେ ଜଣେ ବୃଦ୍ଧା ମହିଳା ସହିତ ଏଭଳି ଆଚରଣ ପ୍ରଦର୍ଶନ କରାଯାଇଥିବ। ତେଣୁ ଏହା କଦାପି ସ୍ୱୀକାରଯୋଗ୍ୟ ଏବଂ ଗ୍ରହଣୀୟ ନୁହଁ । ଅତଏବ୍ ବୌଦ୍ଧିକ ରୂପେ ଉକ୍ତ ଘଟଣାକୁ ମିଥ୍ୟା ଏବଂ କୃତ୍ରିମ ହେବା ପ୍ରକାଶିତ କରୁଛି ଏବଂ କୌଣସି ଅଣବିଦ୍ୱେଷକାରୀ ବ୍ୟକ୍ତି ତହିଁରେ ତିଳେମାତ୍ର ସନ୍ଦେହ ପ୍ରକାଶ କରି ପାରିବ ନାହିଁ ।

ସୁତରାଂ ଆଉ ରହିଲା ଲିଖିତ ପନ୍ଥା । ଅତଏବ୍ ପ୍ରଥମତଃ ଇବ୍‌ନେ ସାଆଦ୍ କିମ୍ବା ଇବ୍‌ନେ ଇସ୍‌ହାକ ଉକ୍ତ ବର୍ଣ୍ଣନାକୁ କୌଣସି ସନନ୍ଦ ଦେଇ ନାହାନ୍ତି । ବିନା କୌଣସି ବିଶ୍ୱସ୍ତ ପ୍ରମାଣରେ ଏହି ପ୍ରକାରର ବର୍ଣ୍ଣନା ଯାହାକି ଆଁହଜରତ ସ.ଅଙ୍କ ମାର୍ଗଦର୍ଶନ ଏବଂ ସାହାବାମାନଙ୍କ ସାଧାରଣ ଏବଂ ପରିଚିତ ପନ୍ଥା ବିରୁଦ୍ଧୀୟ ଅଟେ ତାହା ଆଦୌ ଗ୍ରହଣୀୟ ହୋଇପାରିବ ନାହିଁ । ଦ୍ୱିତୀୟତଃ ଉକ୍ତ ଘଟଣା ହଦିସ୍‌ର ଅତ୍ୟନ୍ତ ବିଶ୍ୱସ୍ତ ପୁସ୍ତକ ସହି ମୁସ୍‌ଲିମ୍ ଏବଂ ସୁନନ୍ ଅବୁ ଦାଉଦ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି । କିନ୍ତୁ ତହିଁରେ ଉମ୍ମେ ଫିର୍କାକୁ ବଧ କରାଯିବାର ଘଟଣାର କୌଣସି ଚର୍ଚ୍ଚା ମଧ୍ୟ ମିଳେ ନାହିଁ । କେତେକ ଅନ୍ୟ ବିବରଣୀରେ ମଧ୍ୟ ଉକ୍ତ ବର୍ଣ୍ଣନାକୁ ଇବ୍‌ନେ ସାଆଦଙ୍କ ବର୍ଣ୍ଣନା ସହିତ ମତପାର୍ଥକ୍ୟ ରହିଛି । ସଠିକ୍ ହଦିସ୍‌ମାନଙ୍କରେ ସାଧାରଣ ଐତିହାସିକ ବର୍ଣ୍ଣନାଗୁଡ଼ିକ ନିଃସନ୍ଦେହ ଏବଂ ସ୍ୱୀକୃତ ରୂପେ ଅତି ବଳିଷ୍ଠ ଏବଂ ପ୍ରଧାନ୍ୟ ଯୋଗ୍ୟ ହୋଇ ଯାଇଥାଏ । ତେଣୁ ସହି ମୁସ୍‌ଲିମ୍ ଏବଂ ସୁନନ୍ ଅବୁ ଦାଉଦଙ୍କ ବର୍ଣ୍ଣନା ସମ୍ମୁଖରେ (ତୁଳନାରେ) ଇବ୍‌ନେ ସାଆଦ୍ ଆଦିଙ୍କ ବର୍ଣ୍ଣନା ଅଧିକ ବଳିଷ୍ଠ ନୁହେଁ । ଏହା ଅନନ୍ୟ ଏବଂ ସ୍ପଷ୍ଟ ହୋଇଯାଇଥାଏ ଯେତେବେଳେ ଆମେମାନେ ଉକ୍ତ କଥାକୁ ଦୃଷ୍ଟି ସମ୍ମୁଖରେ ରଖୁ ଯେ, ଯେଉଁଠି ଇବ୍‌ନେ ସାଆଦ୍ ଏବଂ ଇବ୍‌ନେ ଇସ୍‌ହାକ୍ ନିଜ ବର୍ଣ୍ଣନାକୁ ଏପରି ବିନା କୌଣସି ପ୍ରମାଣରେ ବର୍ଣ୍ଣନା କରିଛନ୍ତି, ସେଠାରେ ଇମାମ୍ ମୁସ୍‌ଲିମ୍ ଏବଂ ଅବୁ ଦାଉଦ୍ ନିଜ ବର୍ଣ୍ଣନାମାନଙ୍କୁ ପୂର୍ଣ୍ଣ ପ୍ରମାଣ ପ୍ରଦାନ କରିଛନ୍ତି । ଏପରି କହିବାକୁ ଗଲେ ବର୍ଣ୍ଣନାକାରୀ ବିଦ୍ୱାନ୍‌ମାନଙ୍କର

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସତର୍କତା ବିପରୀତ ଯେଉଁମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିଛନ୍ତି ତାହା ଇତିହାସବିତ୍‌ଙ୍କ ସାଧାରଣ ବର୍ଣ୍ଣନା ଅଟନ୍ତି ଏବା ତାହା କୌଣସି ମହତ୍ତ୍ୱର ଅଧିକାରୀ ନୁହନ୍ତି ।

ସହି ମୁସ୍‌ଲିମ୍ ଏବଂ ସୁନନ୍ ଅବୁ ଦାଉଦ୍‌ରେ ଉକ୍ତ ଘଟଣାଟି ଯେଭଳି ଭାବରେ ବର୍ଣ୍ଣିତ ହୋଇଛି.... ତହିଁରେ ଉମ୍ମେ ଫିର୍କାର ବଧର ଚର୍ଚ୍ଚା ଆଦୌ ନାହିଁ । ନିଃସନ୍ଦେହ ମୁସ୍‌ଲିମ୍ ଏବଂ ଅବୁ ଦାଉଦ୍‌ର ବର୍ଣ୍ଣନାରେ ଉମ୍ମେ ଫିର୍କାର ନାମ ବର୍ଣ୍ଣିତ ହୋଇ ନାହିଁ। ଅମୀର୍‌ର ନାମ ମଧ୍ୟ ଜୈଦ୍ ପରିବର୍ତ୍ତେ ଅବୁ ବକ୍କର୍ ବୋଲି ଉଲ୍ଲିଖିତ ହୋଇଛି। କିନ୍ତୁ ଏହା ଯୋଗୁଁ ଏହା ସନ୍ଦେହ ପ୍ରକାଶ କରାଯାଇ ପାରିବ ନାହିଁ ଯେ, ଉକ୍ତ ଅଭିଯାନ ହେଉଛି ଅନ୍ୟ ଏକ ଅଭିଯାନ । କାରଣ ଅନ୍ୟ ସମସ୍ତ ସବିଶେଷ ପ୍ରମୁଖ ବିବରଣୀଗୁଡ଼ିକ ଗୋଟିଏ ଅଟନ୍ତି ।

1- ଉଭୟ ବର୍ଣ୍ଣନାରେ ଏହା ସ୍ପଷ୍ଟ ରହିଛି ଯେ, ଉକ୍ତ ଅଭିଯାନ ବନୁ ଫଜାରାହ୍ ସମ୍ପ୍ରଦାୟ ବିରୁଦ୍ଧରେ ଥିଲା ।

2- ଉଭୟ ହଦିସ୍ ଅର୍ଥାତ୍ ସହି ମୁସ୍‌ଲିମ୍ ଏବଂ ସୁନନ୍ ଅବୁ ଦାଉଦ୍‌ରେ ଉକ୍ତ ଚର୍ଚ୍ଚା ବିଦ୍ୟମାନ ରହିଛି ଯେ, ବନୁ ଫଜାରାହ୍‌ର ଅଧିପତି ଜନୈକା ବୃଦ୍ଧା ମହିଳା ଥିଲା ।

3- ଉଭୟ ହଦିସ୍‌ରେ ସେହି ମହିଳାର ବନ୍ଦୀ ହେବାର ଚର୍ଚ୍ଚା ରହିଛି ।

4- ଉଭୟ ହଦିସ୍‌ରେ ଏହି ଚର୍ଚ୍ଚା ରହିଛି ଯେ, ଉକ୍ତ ମହିଳାର ଜଣେ କନ୍ୟା ସନ୍ତାନ ଥିଲା ଯିଏ ମା ସହିତ ବନ୍ଦୀ ହୋଇଥିଲା ।

5- ଉଭୟ ହଦିସ୍‌ରେ ଏହି ଚର୍ଚ୍ଚା ରହିଛି ଯେ, ଉକ୍ତ କନ୍ୟା ସନ୍ତାନ ସଲ୍‌ମା ବିନ୍ ଅକୱାଙ୍କ ଭାଗରେ ପଡ଼ିଥିଲା ।

ଏତଦ୍‌ଭିନ୍ନ ଆହୁରି ଅନେକ କଥାର ସାଦୃଶ୍ୟତା ରହିଛି । ବର୍ତ୍ତମାନ ବିଚାର କର ଯେ, କ'ଣ ସେହି ଗୁରୁତ୍ୱପୂର୍ଣ୍ଣ ଏବଂ ମୌଳିକ ସାଦୃଶ୍ୟତା ଥିବା ସତ୍ତ୍ୱେ କୌଣସି ବ୍ୟକ୍ତି ସନ୍ଦେହ ପ୍ରକାଶ କରି ପାରିବ ଯେ, ଏହି ଦୁଇଟି ଘଟଣା ଭିନ୍ନ ଭିନ୍ନ ଅଟନ୍ତି ?

କିନ୍ତୁ ଆମେ ଏହାର କେବଳ ବୌଦ୍ଧିକ ପ୍ରମାଣକୁ ଯଥେଷ୍ଟ ବୋଲି ମନେକରୁ ନାହୁଁ । ବରଂ ବିଗତ ଗବେଷକମାନେ ମଧ୍ୟ ସ୍ପଷ୍ଟତାର ସହିତ ଉଲ୍ଲେଖ କରିଛନ୍ତି ଯେ, ସହି ମୁସ୍‌ଲିମ୍ ଏବଂ ସୁନୁନ୍ ଅବୁ ଦାଉଦ୍‌ରେ ସେହି ଘଟଣା ବର୍ଣ୍ଣିତ ହୋଇଛି ଯାହା ଇବ୍‌ନେ ସାଆଦ୍ ଅନ୍ୟ ଢଙ୍ଗରେ ଉଲ୍ଲେଖ କରିଛନ୍ତି । ସୁତରାଂ ଅଲ୍ଲାମା ଜର୍କାନୀ ଏବଂ ଇମାମ୍ ସୁହେଲି ଓ ଅଲ୍ଲାମା ହଲବି ସ୍ପଷ୍ଟତାର ସହିତ ଉଲ୍ଲେଖ କରିଛନ୍ତି ଯେ, ଏ ହେଉଛି ସେହି ଘଟଣା ଯାହା ଇବ୍‌ନେ ସାଆଦ୍ ଏବଂ ଇବ୍‌ନେ ଇସ୍‌ହାକ୍ ଉମ୍ମେ ଫିର୍କା ସଂପର୍କିତ ଘଟଣାରେ ଭ୍ରମାତ୍ମକ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ଏହାଠୁ ବି ଅଧିକ ଉକ୍ତ କଥାର ପ୍ରମାଣ ରହିଛି ଯେ, ଏ ହେଉଛି ସେହି ଘଟଣା ଯେଉଁ ଘଟଣାକୁ ତବ୍ରୀ ସେହି ଦୁଇ ବର୍ଣ୍ଣନାକୁ ପାକ୍ଷିକ ରୂପେ ବର୍ଣ୍ଣନା କରି ବର୍ଣ୍ଣନାକୁ ସାଥିରେ ରଖିଛନ୍ତି। ଉକ୍ତ କଥାର ସ୍ପଷ୍ଟତା ରହିଛି ଯେ, ଏହି ଦୁଇଟି ବର୍ଣ୍ଣନା ଗୋଟିଏ ଘଟଣା ଅଟେ ।

ଅତଏବ୍ ଉକ୍ତ କଥା ସଂପୂର୍ଣ୍ଣ ରୂପେ ନିଃସନ୍ଦେହାତ୍ମକ ଯେ, ମୁସ୍‌ଲିମ୍ ଏବଂ ଅବୁ ଦାଉଦ୍‌ର ସଲ୍‌ମା ବିନ୍ ଅକ୍‌ୱା ସଂପର୍କିତ ବର୍ଣ୍ଣନାରେ ସେହି ଘଟଣା ବର୍ଣ୍ଣନା କରାଯାଇଛି ଯାହାକୁ ଇବ୍‌ନେ ସାଆଦ୍ ଏବଂ ଇବ୍‌ନେ ହିଶ୍ଶାମ୍ ଉମ୍ମେ ଫିର୍କାର ସରିୟା ନାମରେ ଭ୍ରମବଶତଃ ଉଲ୍ଲେଖ କରିଛନ୍ତି । ଯଦିଓ ସିହା (ସଠିକ)ର ବର୍ଣ୍ଣନା ଅର୍ଥାତ୍ ହଦିସର ଯେଉଁ 6ଟି ପୁସ୍ତକ ରହିଛି ତନ୍ମଧ୍ୟରୁ ଯେଉଁ ହଦିସ୍ ପୁସ୍ତକଗୁଡ଼ିକ ପ୍ରାମାଣ୍ୟ ଏବଂ ସ୍ୱୀକୃତପୂର୍ବକ ଅଟନ୍ତି ସେହି ପୁସ୍ତକ ଦ୍ୱୟରେ ଉକ୍ତ ଘଟଣାଟି ମୌଖିକ ରୂପେ ସାମିଲ୍ ହୋଇଯାଇଛି । ଅର୍ଥାତ୍ ସ୍ଥାନିତ ହୋଇଯାଇଛି । ସେ ଯାହା ହେଉ ଇବ୍‌ନେ ସାଆଦ୍ ଏବଂ ଇବ୍‌ନେ ହିଶ୍ଶାମ୍‌ଙ୍କ ଅସ୍ୱୀକୃତ ବର୍ଣ୍ଣନା ଅପେକ୍ଷା ପ୍ରଧାନ୍ୟଯୋଗ୍ୟ ଅଟେ । ଅତଏବ୍ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉମ୍ମେ ଫିର୍କାର ବୀଭତ୍ସମୂଳକ ବଧ ସଂପର୍କିତ ଘଟଣା ଏକ ମିଥ୍ୟାଧାରିତ ଓ ଭିତ୍ତିହୀନ ଘଟଣା ଅଟେ। ଉକ୍ତ ଘଟଣାଟି ଇସ୍‌ଲାମ୍ ଧର୍ମର କୌଣସି ଗୁପ୍ତ ଶତ୍ରୁ ଦ୍ୱାରା କେତେକ ଐତିହାସିକ ବର୍ଣ୍ଣନାମାନଙ୍କରେ ପ୍ରବିଷ୍ଟ ହୋଇ ସ୍ଥାନିତ ହୋଇଯାଇଛି । ବାସ୍ତବତା ଏହିକି ଯେ, ଉକ୍ତ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ ତାହାକୁ ସରିୟା କୁହାଯାଏ)ର ସତ୍ୟତା ଏହାଠୁ ଅଧିକ ଆଉ କିଛି ନୁହେଁ ଯେ, ଉକ୍ତ ବର୍ଣ୍ଣନାକୁ ମୁସ୍‌ଲିମ୍ ଏବଂ ଅବୁ ଦାଉଦ୍ (ବର୍ଣ୍ଣନାକାରୀ) ବର୍ଣ୍ଣନା କରିଛନ୍ତି ।

କୌଣସି ଭୁଲ୍ ଘଟଣା ଇତିହାସରେ ବର୍ଣ୍ଣିତ ହୋଇଯିବା କିଛି ଆଶ୍ଚର୍ଯ୍ୟକର କଥା ନୁହଁ । କାରଣ ଏହି ପ୍ରକାରର ଉଦାହରଣ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଦେଶର ଇତିହାସରେ ଦେଖିବାକୁ ମିଳେ । କିନ୍ତୁ ଏହା ଅବଶ୍ୟ ଏକ ଆଶ୍ଚର୍ଯ୍ୟକର କଥା ଯେ, ସାର୍ ୱିଲିୟମ୍ ମିଓର୍‌ଙ୍କ ପରି ପ୍ରାଚ୍ୟତତ୍ତ୍ୱବିତ୍ ଏବଂ ଇତିହାସବିତ୍ ବ୍ୟକ୍ତି ଉକ୍ତ ଭୁଲ୍ ଘଟଣାକୁ କିଛି ଗବେଷଣା ନକରି ନିଜ ପୁସ୍ତକରେ ସ୍ଥାନ ଦେଇ ଉକ୍ତ କଥାର ଖୋଲମଖୋଲା ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି ଯେ, ଉକ୍ତ ଘଟଣାଟି ହଦିସ୍‌ମାନଙ୍କରେ ସ୍ଥାନିତ ହେବାର କାରଣ କେବଳ ଏତିକି ଯେ, ଉକ୍ତ ଘଟଣା ଦ୍ୱାରା ମୁସଲମାନମାନଙ୍କର ଏକ ଅତ୍ୟାଚାରିତମୂଳକ ଏବଂ କ୍ରୂରତାମୂଳକ କୃତ୍ୟର ଉଦାହରଣ ମିଳେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-717-721)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଘଟଣାଟି ଭୁଲ୍ ଅଟେ । ବାସ୍ତବରେ ଘଟଣାଟି ଏପରି ଘଟି ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରୀୟା ରହିଛି ଯାହାର ନାମ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ର.ଅ ଅଟେ । ଉକ୍ତ ସରିୟାର ଚର୍ଚ୍ଚା ଇତିହାସରେ ବର୍ଣ୍ଣିତ ହୋଇଛି ଯାହା ଅବୁ ରାଫେର ଘଟଣା ପରି ଥିଲା । ଇବ୍‌ନେ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ଉକ୍ତ ସରିୟା ରମ୍‌ଜାନ୍ ମାସ 6 ହିଜ୍ରୀରେ ହୋଇଥିଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-70, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ନିଜର ଗବେଷଣା ଇତିହାସର ବିଭିନ୍ନ ପୁସ୍ତକରୁ ସଂଗୃହୀତ କରିଛନ୍ତି । ଆପଣ ର.ଅ ନିଜର ଗବେଷଣାତ୍ମକ ନିବନ୍ଧ (ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍)ରେ ଉକ୍ତ ଘଟଣାକୁ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଅବୁ ରାଫେର ସଂହାର କାଳ ସଂକ୍ରାନ୍ତରେ ନାନା ବର୍ଣ୍ଣନାରେ ମତପାର୍ଥକ୍ୟ ରହିଛି । ବୁଖାରୀ ଜୁହ୍‌ରୀଙ୍କ ଅନୁକରଣ କରି ଉକ୍ତ ଘଟଣାର ସଠିକ୍ ତାରିଖ ପ୍ରଦାନ ନକରି ଜାଣିଶୁଣି କାଆବ୍ ବିନ୍ ଅଶ୍ରଫ୍‌ର ବଧ ପରେ ବର୍ଣ୍ଣନା କରିଛନ୍ତି । ସେ ଯାହା ହେଉ ବର୍ଣ୍ଣନାଟି ସଠିକ୍ ଅଟେ ଏବଂ ପ୍ରାୟତଃ ଏହି ଘଟଣାବଳୀକୁ ମିଶାଇ ଏଇଥି ପାଇଁ ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାକୁ ପରସ୍ପର ମଧ୍ୟରେ ମିଶାଇ ବର୍ଣ୍ଣନା କରାଯାଇଛି। ଘଟଣା ଏବଂ ବର୍ଣ୍ଣନାର ପ୍ରକାରଭେଦ ଏକାପରି ଅଟେ । ତବ୍ରୀ ଉକ୍ତ ଘଟଣାକୁ 3 ହିଜ୍ରୀରେ କାଆବ୍ ବିନ୍ ଅଶ୍ରଫ୍‌ର ଘଟଣା ପରେ ରଖିଛନ୍ତି । ୱାକିଦି ଉକ୍ତ ଘଟଣାକୁ 4 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । ଇବ୍‌ନେ ହିଶ୍ଶାମ ଇବ୍‌ନେ ଇସ୍‌ହାକ୍‌ଙ୍କ ଠାରୁ ଜାଣିଶୁଣି ବନୁ କୁରୈଜା ଯୁଦ୍ଧ ପରବର୍ତ୍ତୀ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । ଉକ୍ତ ଯୁଦ୍ଧ 5 ହିଜ୍ରୀରେ ହୋଇଥିଲା । ଏହିପରି ଉକ୍ତ ଘଟଣାକୁ 6 ହିଜ୍ରୀ ବୋଲି ମନେକରାଯାଇ ପାରିବ । କିନ୍ତୁ ଇବ୍‌ନେ ସାଆଦ୍ 6 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । ସାଧାରଣ ଇତିହାସବିତ୍‌ମାନେ ଇବ୍‌ନେ ସାଆଦ୍‌ଙ୍କୁ ଅନୁକରଣ କରିଛନ୍ତି । ପ୍ରଭୁ ହିଁ ସର୍ବଜ୍ଞ ଏବଂ ଅନ୍ତର୍ଯାମୀ ଅଟନ୍ତି ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-726)**

ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଖନ୍ଦକ୍ ଯୁଦ୍ଧ ଏବଂ ବନୁ କୁରୈଜା ସଂପ୍ରଦାୟର ପ୍ରସଙ୍ଗ ସମାପ୍ତ ହେଲା ଏବଂ ସଲ୍ଲାମ୍ ବିନ୍ ଅବି ହୁକୈକ୍ ଅର୍ଥାତ୍ ଅବୁ ରାଫେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା ଯିଏ ରସୁଲୁଲ୍ଲାଃ ସ.ଅଙ୍କ ବିରୁଦ୍ଧରେ ସୈନ୍ୟବାହିନୀ ଏକତ୍ରିତ କରୁଥିଲା ଏବଂ ୱସ୍ ସଂପ୍ରଦାୟ, ୱହୋଦ୍ ଯୁଦ୍ଧ ପୂର୍ବରୁ କାଆବ୍ ବିନ୍ ଅଶ୍ରଫ୍ ଇହୁଦୀ ବ୍ୟକ୍ତିକୁ ରସୁଲୁଲ୍ଲାଃ ସ.ଅଙ୍କ ଶତ୍ରୁତା ଏବଂ ଆପଣ ସ.ଅଙ୍କ ବିପକ୍ଷରେ ଉସ୍‌କାଇବା ଯୋଗୁଁ ହତ୍ୟା କରି ସାରିଥିଲା। ତେବେ ବନୁ ଖଜ୍‌ରଜ୍ ସଂପ୍ରଦାୟ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ସଲ୍ଲାମ୍ ବିନ୍ ଅବି ହୁକୈକ୍‌ର ହତ୍ୟାର ଅନୁମତି ଲୋଡ଼ିଲା ସେତେବେଳେ ସେ ଖୈବର୍ ଠାରେ ଥିଲା। ଆପଣ ସ.ଅ ତାଙ୍କୁ ଅନୁମତି ପ୍ରଦାନ କରିଦେଲେ । ଏହି ଦୁଇ ସଂପ୍ରଦାୟ ଅର୍ଥାତ୍ ୱସ୍ ସଂପ୍ରଦାୟ ଓ ଖଜ୍‌ରଜ୍ ସଂପ୍ରଦାୟ ଆପଣ ସ.ଅଙ୍କ ସହିତ ଦୁଇ ନର ଓଟଙ୍କ ପରି ମୁକାବିଲା କରୁଥିଲେ । ୱସ୍ ସଂପ୍ରଦାୟ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ନିମନ୍ତେ କୌଣସି କାର୍ଯ୍ୟ ସମ୍ପାଦନ କରୁଥିଲେ ସେତେବେଳେ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନେ କହୁଥିଲେ, ଏହି ସଂପ୍ରଦାୟ ତ' ଉକ୍ତ କାର୍ଯ୍ୟ ଯୋଗୁଁ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଏବଂ ଇସ୍‌ଲାମ୍ ଧର୍ମରେ ଆମ ଅପେକ୍ଷା ଅଧିକ ଶ୍ରେଷ୍ଠ ହୋଇଯିବ । ଅତଏବ୍ ସେମାନେ ଅଟକି ଯାଉ ନଥିଲେ । ଏପର୍ଯ୍ୟନ୍ତକି ଖଜ୍‌ରଜ୍ ସଂପ୍ରଦାୟ ୱସ୍ ସଂପ୍ରଦାୟ ପରି କାର୍ଯ୍ୟ ସମ୍ପାଦନ କରୁଥିଲେ । ଯଦି ଖଜ୍‌ରଜ୍ ସଂପ୍ରଦାୟ କୌଣସି ଭଲ କାମ କରିଦେଉଥିଲା ତେବେ ସେପରିପ୍ରେକ୍ଷୀରେ ୱସ୍ ସଂପ୍ରଦାୟ ମଧ୍ୟ ଖଜ୍‌ରଜ୍ ସଂପ୍ରଦାୟ ପରି ଭଲ କାମ କରିଦେଉଥିଲା । ଯେତେବେଳେ ୱସ୍ ସଂପ୍ରଦାୟର ଲୋକମାନେ କାଆବ୍ ବିନ୍ ଅଶ୍ରଫଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶତ୍ରୁତା ଥିବା ଯୋଗୁଁ ବଧ କଲେ ସେତେବେଳେ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନେ କହିଲେ, ଅଲ୍ଲାଃତାଲାଙ୍କ ଶପଥ କରି କହୁଛୁ ! ୱସ୍ ସଂପ୍ରଦାୟ ଏଇଥି ପାଇଁ ଆମ ଠାରୁ ଅଧିକ ଶ୍ରେୟସ୍କର ହୋଇପାରିଲା ନାହିଁ ଏବଂ ଆମ ଅପେକ୍ଷା ଅଧିକ ମର୍ଯ୍ୟାଦା (ମହତ୍ ଓ ଶ୍ରେଷ୍ଠତ୍ୱ) ପ୍ରାପ୍ତ କରି ପାରିଲା ନାହିଁ । ସେମାନେ ସେହି କାର୍ଯ୍ୟରେ ପ୍ରତିଯୋଗୀତା କରୁଥିଲେ ଯାହା

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସେମାନଙ୍କୁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ନିକଟବର୍ତ୍ତୀ କରାଇଦେବ । ତେଣୁ ସେମାନେ ଚିନ୍ତା କଲେ ଯେ, କେଉଁ ଲୋକ ଆଁହଜରତ ସ.ଅଙ୍କ ପ୍ରତି ଶତ୍ରୁତା ପ୍ରଦର୍ଶନ କରିବାରେ କାଆବ୍ ବିନ୍ ଅଶ୍ରଫ୍ ସହିତ ସମକକ୍ଷ ? ଅତଏବ୍ ସେମାନେ ଇବ୍‌ନେ ଅବି ହୁକୈକ୍‌କୁ ସ୍ମରଣ କଲେ ଯିଏ ଖୈବର୍ କିମ୍ବା ହିଜାଜ୍ ଭୂମିର ଅଧିବାସୀ ଥିଲେ । ଇବ୍‌ନେ ସାଆଦ୍ କୁହନ୍ତି ଯେ, ଖଜରଜ୍ ସଂପ୍ରଦାୟ କହିଲା, ଅବୁ ରାଫେ ବିନ୍ ଅବି ହୁକୈକ୍ ଗତଫାନ୍ ସଂପ୍ରଦାୟ ଏବଂ ଏହାର ଆଖପାଖରେ ଥିବା ଆରବ୍ୟ ମୁସରିକିନ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତିମାନେ) ମାନଙ୍କୁ ଏକତ୍ରିତ କଲା ଏବଂ ସେମାନଙ୍କ ନିମନ୍ତେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ବହୁତ ବଡ଼ ରାଶି ଧାର୍ଯ୍ୟ କରିଦେଲା। ଅତଏବ୍ ଖଜରଜ୍ ସଂପ୍ରଦାୟ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ତା'ର (ହୁକୈକ୍)ର ସଂହାର ନିମନ୍ତେ ଅନୁମତି ଲୋଡ଼ିଲା । ଆପଣ ସ.ଅ ସେମାନଙ୍କୁ ଅନୁମତି ପ୍ରଦାନ କରିଦେଲେ । ଏହିପରି ଭାବରେ ଖଜରଜ୍ ସଂପ୍ରଦାୟ ମଧ୍ୟରୁ ବନୁ ସଲମାର ପାଞ୍ଚ ଜଣ ଲୋକ ଯଥାକ୍ରମେ- ଅବ୍‌ଦୁଲ୍ଲାଃ ବିନ୍ ଅତିକ୍, ମସଊଦ୍ ବିନ୍ ସିନାନ୍, ଅବ୍‌ଦୁଲ୍ଲାଃ ବିନ୍ ଉନିସ୍ ଜୁହନୀ ଯେକି ଅନସାର୍ ସଂପ୍ରଦାୟର ମିତ୍ର ଥିଲେ ଏବଂ ଅବୁ କତାଦା ହାରସା ବିନ୍ ରବିଇ ଓ ଖୁଜାଇ ବିନ୍ ଅସ୍‌ୱଦ୍ ଇତ୍ୟାଦି ସମସ୍ତ ଲୋକମାନେ ବାହାରିଲେ। ମୁହମ୍ମଦ୍ ବିନ୍ ଉମର୍ ଏବଂ ଇବ୍‌ନେ ସାଆଦ୍‌ଙ୍କ ନିକଟରେ ଏହି ବ୍ୟକ୍ତି ଅସ୍‌ୱଦ୍ ବିନ୍ ଖୁଜାଇ ଥିଲା ଯିଏ ବନୁ ଅସ୍‌ଲମ୍ ସଂପ୍ରଦାୟ ମଧ୍ୟରୁ ଅନ୍‌ସାରମାନଙ୍କର ମିତ୍ର ଥିଲା । ବରାଅ ବିନ୍ ଆଜିବ୍ ଅବ୍‌ଦୁଲ୍ଲାଃ ବିନ୍ ଉତ୍‌ବାର ନାମକୁ ଅତିରିକ୍ତ ଭାବରେ ସାମିଲ୍ କରିଛନ୍ତି । ଯେପରିକି ସହି ବୁଖାରୀରେ ଉଲ୍ଲିଖିତ ହୋଇଛି । ଅତଏବ୍ 6 ଜଣ ବ୍ୟକ୍ତି ହୋଇଗଲେ। ଇବ୍‌ନେ ଉକ୍‌ବା ଏବଂ ସୁହେଲୀ ଅସ୍‌ଅଦ୍ ବିନ୍ ହରାମ୍‌ର ନାମ ଅତିରିକ୍ତ କରିଛନ୍ତି। ଏହିପରି ଭାବରେ 7 ଜଣ ବ୍ୟକ୍ତି ହୋଇଗଲେ । ରସୁଲୁଲ୍ଲାଃ ସ.ଅ ଏହି ସମସ୍ତ ବ୍ୟକ୍ତିଙ୍କ ଉପରେ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକଙ୍କୁ ଅମୀର୍ ରୂପେ ନିଯୁକ୍ତ କଲେ ଏବଂ ଏମାନଙ୍କୁ ମହିଳା ଏବଂ ଛୋଟ ପିଲାମାନଙ୍କୁ ବଧ କରିବାକୁ ବାରଣ କଲେ । ଅର୍ଥାତ୍ (ବଧ ନକରିବାକୁ କହିଲେ) ତହିଁରୁ ନିବୃତ୍ତ ରହିବା ପାଇଁ କହିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-102, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ଦେଖନ୍ତୁ ଯେ, ଏଠାରେ ମଧ୍ୟ ଅତ୍ୟନ୍ତ ସ୍ୱଷ୍ଟତାର ସହିତ ହୁଜୁର ସ.ଅ କହିଲେ, ମହିଳା ଏବଂ ଛୋଟ ପିଲାମାନଙ୍କର କୌଣସି କ୍ଷତି କରିବ ନାହିଁ କି ସେମାନଙ୍କୁ ହତ୍ୟା କରିବ ନାହିଁ ।

ସହି ବୁଖାରୀରେ ଅବୁ ରାଫେର ସଂହାର ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ବର୍ଣ୍ଣିତ ହୋଇଛି । ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅବୁ ରାଫେ ରସୁଲୁଲ୍ଲାଃ ସ.ଅଙ୍କୁ ବହୁତ ଦୁଃଖ କଷ୍ଟ ଦେଉଥିଲା ଏବଂ ଆପଣ ସ.ଅଙ୍କ ବିରୁଦ୍ଧରେ ଶତ୍ରୁମାନଙ୍କୁ ସାହାଯ୍ୟ କରୁଥିଲା । ହିଜାଜ୍‌ର ଭୂମିରେ ଏକ ଦୁର୍ଗ ଥିଲା । ସେହି ଦୁର୍ଗରେ ଅବୁ ରାଫେ ବାସ କରୁଥିଲା । ଯେତେବେଳେ ସେହି ଲୋକ ଅର୍ଥାତ୍ 7 ଜଣ ଲୋକମାନେ ତା' ନିକଟବର୍ତ୍ତୀ ପହଞ୍ଚିଲେ ସେତେବେଳେ ସୂର୍ଯ୍ୟାସ୍ତ ହୋଇ ସାରିଥିଲା । ଲୋକମାନେ ନିଜ ନିଜର ପଶୁ ପଲମାନଙ୍କୁ ଧରି ଘରକୁ ଫେରି ଆସିଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ନିଜର ସାଥିମାନଙ୍କୁ କହିଲେ, ତୁମେମାନେ ନିଜ ନିଜ ସ୍ଥାନର ବସିଥାଅ । ମୁଁ ଯାଉଛି ଏବଂ ଦ୍ୱାରପାଳ ସହିତ କୌଣସି ଆଳ କରି ଭିତରକୁ ପ୍ରବେଶ କରିଯିବି। ଅବ୍‌ଦୁଲ୍ଲାଃ ବିନ୍ ଅତିକ ଯାଇ ଦୁଆର ନିକଟରେ ପହଞ୍ଚିଗଲେ । ପୁନଶ୍ଚ ନିଜକୁ ବସ୍ତ୍ର ମଧ୍ୟରେ ଗୁଡ଼ାଇ ନେଲେ । ଆପଣ ଏପରି ଦୃଶ୍ୟମାନ ହେଉଥିଲେ ଯେପରିକି ଆପଣ ମଳ ତ୍ୟାଗ କରୁଛନ୍ତି । ସମସ୍ତ ଲୋକମାନେ ଭିତରକ ପ୍ରବେଶ କରିସାରି ଥିଲେ । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ବର୍ଣ୍ଣନା କଲେ, ମୁଁ ଆଳ ଦେଖାଇବାକୁ ଲାଗିଲି ଯେ, କୌଣସି ଆଳ କରି ଦୁର୍ଗ ଭିତରକୁ ପ୍ରବେଶ କରିଯିବି। ଠିକ୍ ସେତିକି ବେଳେ ଦୁର୍ଗବାସୀମାନଙ୍କର ଏକ ଗଧ ହଜି ଯାଇଥିବାର ଜାଣିବାକୁ ପାଇଲେ । ସେମାନେ କହିଲେ, ଆଲୁଅ ନେଇ ଉକ୍ତ ଗଧକୁ ସନ୍ଧାନ (ଖୋଜ) କର। ଅତଏବ୍ ଅବ୍‌ଦୁଲ୍ଲାଃ ବିନ୍ ଅତିକ କହିଲେ, ମୁଁ ଭୟଭୀତ ହେଲି ଯେ, ସେମାନେ ମୋତେ ଚିହ୍ନି ନନିଅନ୍ତୁ । ସେମାନେ କହିଲେ, ମୁଁ ନିଜର ମୁଣ୍ଡକୁ ଘୋଡ଼ାଇ ନେଲି। ଉକ୍ତ ସାହାବି ଜଣକ କହିଲେ, ମୁଁ ନିଜର ମୁଣ୍ଡ ଘୋଡ଼ାଇ ନେଲି । ଏପରି ପ୍ରତିତ ହେଉଥିଲା ଯେପରିକ ମୁଁ ମଳ ତ୍ୟାଗ କରୁଛି । ଅତଏବ୍ ଦ୍ୱାରପାଳ ଅବ୍‌ଦୁଲ୍ଲା ବିନ୍ ଅତିକ୍‌ଙ୍କୁ ଡାକ ମାରିଲା ଯେ, ହେ ଈଶ୍ୱରଙ୍କ ଭକ୍ତ ! ତୁମେ ଯଦି ଭିତରକୁ ପ୍ରବେଶ କରିବାକୁ ଚାହୁଁଛ ତେବେ ପ୍ରବେଶ କରିନିଅ । ଅନ୍ୟଥା ମୁଁ ଦ୍ୱାର ବନ୍ଦ କରିଦେବି । ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ କୁହନ୍ତି: "ମୁଁ ଦୁର୍ଗ ମଧ୍ୟକୁ ପ୍ରବେଶ କରିଗଲି ଏବଂ ଏତଦ୍‌ପରେ ମୁଁ ଭିତରେ ଯାଇ ଲୁଚିଗଲି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମୁଁ ମଧ୍ୟ ଭିତରକୁ ଚାଲିଗଲି । ପୁନଶ୍ଚ ମୁଁ ଗଧମାନଙ୍କର ବାଡ଼ରେ ଦୁର୍ଗ ମଧ୍ୟସ୍ଥ କବାଟ ନିକଟରେ ଲୁଚିଗଲି । ଯେତେବେଳେ ଲୋକମାନେ ଦୁର୍ଗ ମଧ୍ୟକୁ ପ୍ରବେଶ କଲେ ସେତେବେଳେ ଦ୍ୱାରପାଳ ଦୁର୍ଗର ମୁଖ୍ୟଦ୍ୱାର ବନ୍ଦ କରିଦେଲା । ଏତଦ୍‌ପରେ ଦ୍ୱାରପାଳ କୁଞ୍ଜିକା (ଚାବି)କୁ ଏକ କଣ୍ଟାରେ ଓହଳାଇ ଦେଲା । ସେ (ଅବ୍‌ଦୁଲ୍ଲାଃ ବିନ୍ ଅତିକ୍) କହୁଥିଲେ ଯେ, ମୁଁ ଉଠି ଚାବି ଆଡ଼କୁ ଗଲି । ଚାବି ଧରି ମୁଁ ମୁଖ୍ୟ ଦ୍ୱାର ଖୋଲିଦେଲି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ କୋଳାହଳ ଏବଂ ସ୍ୱର ଥମିଗଲା ଏବଂ ମୁଁ କୌଣସି ଗତିବିଧି ଶୁଣିବାକୁ ପାଇଲି ନାହିଁ ସେତେବେଳେ ମୁଁ ବାହାରକୁ ବାହିରିଲି । ମୁଁ ଦ୍ୱାରପାଳକୁ ଦୁର୍ଗର ଚାବି ଥାକରେ ରଖୁଥିବାର ଦେଖି ନେଇଥିଲି । ଉକ୍ତ ବର୍ଣ୍ଣନାଟି ବୁଖାରୀର ବର୍ଣ୍ଣନା ଅଟେ। ଲୋକମାନେ ରାତ୍ର ସମୟରେ ଅବୁ ରାଫେ ସହିତ କଥାବାର୍ତ୍ତା ହେଉଥିଲେ । ଅବୁ ରାଫେ ରାତ୍ର ସମୟରେ ସଭା ଆୟୋଜିତ କରୁଥିଲା । ସେ ନିଜର ଉପର ମହଲାରେ ଥିଲା । ଯେତେବେଳେ କଥାବାର୍ତ୍ତା କରୁଥିବା ଲୋକମାନେ ତା' ନିକଟରୁ ଚାଲିଗଲେ ସେତେବେଳେ ମୁଁ ଅବୁ ରାଫେକୁ ଦେଖିଲି । ସେହିପରି ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଲୋକମାନେ ଅବୁ ରାଫେ ନିକଟରେ ସନ୍ଧ୍ୟା ସମୟର ଭୋଜନ କଲେ ଏବଂ ସେମାନେ କଥାବାର୍ତ୍ତା ହେଉ ଥାଆନ୍ତି । ଏପର୍ଯ୍ୟନ୍ତକି ରାତ୍ରର ଏକ ପ୍ରହର ବିତିଗଲା । ପୁନଶ୍ଚ ଯେତେବେଳେ କଥାବାର୍ତ୍ତା କରୁଥିବା ଲୋକମାନେ ତା' (ଅବୁ ରାଫେ ନିକଟରୁ) ଚାଲିଗଲେ ସେତେବେଳେ ଅବ୍‌ଦୁଲ୍ଲାଃ ରାଫେ ମଧ୍ୟ ନିଜର କୋଠରୀକୁ ଫେରି ଆସିଲେ । ଉକ୍ତ ବର୍ଣ୍ଣନାଟି ସହି ବୁଖାରୀର ଅଟେ । ଅତଏବି ମୁଁ ଅବୁ ରାଫେର କୋଠରୀ ଆଡ଼କୁ ଉପର ମହଲାକୁ ଅଗ୍ରସର ହେଲି ଏବଂ ପ୍ରତ୍ୟେକ ଦ୍ୱାର ଯାହାକୁ ମୁଁ ଖୋଲୁଥିଲି ସେହି ଦ୍ୱାରକୁ ମୁଁ ଭିତର ପଟୁ ବନ୍ଦ କରି ଦେଉଥିଲି। ମୁଁ ନିଜ ମନରେ କହିଲି କି ଯେପର୍ଯ୍ୟନ୍ତ ମୁଁ ଅବୁ ରାଫେର ବଧ କରିଦେଇ ନାହିଁ ସେପର୍ଯ୍ୟନ୍ତ ଲୋକମାନେ ମୋ ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ । ଅତଏବ୍ ମୁଁ ତା' ନିକଟରେ ପହଞ୍ଚିଗଲି । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ପୁନଶ୍ଚ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ କୁହନ୍ତି: "ମୁଁ ସେହି କୋଠରୀର ଦ୍ୱାର ଅଭିମୁଖେ ଗଲି ଏବଂ ସେମାନଙ୍କୁ ବାହାର ପଟୁ ବନ୍ଦ କରିଦେଲି । ଏତଦ୍‌ପରେ ମୁଁ ଏକ ଶିଢି ଉପରେ ଚଢି ଅବୁ ରାଫେ ନିକଟରେ ପହଞ୍ଚିଗଲି ।" ଉକ୍ତ ବର୍ଣ୍ଣଟି ବୁଖାରୀର ଅଟେ । ହ. ଅବ୍‌ଦୁଲ୍ଲାଃ କହିଲେ, ମୁଁ ଏହା ଅବଲୋକନ କଲି ଯେ, ଅବୁ ରାଫେ ଏକ ଅନ୍ଧକାର କୋଠରୀ ମଧ୍ୟରେ ନିଜର କୁଟୁମ୍ବଙ୍କ ଗହଣରେ ବିଶ୍ରାମ କରୁଛି । ମୁଁ ଜାଣି ପାରିଲି ନାହିଁ ଯେ, ସେ (ଅବୁ ରାଫେ) କେଉଁ କୋଠରୀରେ ରହିଛି ? ମୁଁ କହିଲି ହେ ଅବୁ ରାଫେ ! ଅବୁ ରାଫେ କହିବାକୁ ଲାଗିଲା, କିଏ ? ଯେଉଁ ଆଡ଼ୁ ଅବୁ ରାଫେର ସ୍ୱର ମୋତେ ଶୁଭିଥିଲା ମୁଁ ସେହି ଆଡ଼କୁ ଆକଳନ କରି ଧାଇଁଲି । ମୁଁ ଖଡ୍‌ଗ ଦ୍ୱାରା ତା' ଉପରେ ଆକ୍ରମଣ କରିଦେଲି ଏବଂ ମୁଁ ଭୟଭୀତ ଏବଂ ଆତଙ୍କିତ ହୋଇ ଯାଇଥିଲି । କାରଣ ମୋ ଦ୍ୱାରା ଅବୁ ରାଫେ ଉପରେ ପ୍ରହାର କରାଯାଇଥିଲା ତାହା କିଛି କାମ ଦେଲା ନାହିଁ । ସେ ଚିତ୍କାର କଲା । ଅର୍ଥାତ୍ ଅବୁ ରାଫେ ଉପରେ ସଠିକ୍ ଭାବରେ ପ୍ରହାର ହୋଇ ପାରିଲା ନାହିଁ। ଅତଏବ୍ ସେ ଯେତେବେଳେ ଚିତ୍କାର କଲା ଯେ, ମରିଗଲି ଲୋ, ସେତେବେଳେ ମୁଁ ଅର୍ଥାତ୍ (ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍) କୋଠରୀ ବାହାରକୁ ଚାଲି ଆସିଲା । କିଛି ସମୟ ଅପେକ୍ଷା କରି ମୁଁ ପୁଣିଥରେ ଅବୁ ରାଫେ ନିକଟକୁ ଗଲି ଏବଂ ଅବୁ ରାଫେକୁ ଏପରି ପ୍ରତିତ (ଲାଗୁ) ହେଉ ଯେପରିକି ମୁଁ ଅବୁ ରାଫେକୁ ସାହାଯ୍ୟ କରିବା ନିମନ୍ତେ ଦଉଡ଼ି ଆସିଛି । ମୁଁ ଅବୁ ରାଫେକୁ କହିଲି, ହେ ଅବୁ ରାଫେ ! ଏହି ସ୍ୱର କେମିତିକା ସ୍ୱର ? ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ନିଜ ସ୍ୱରକୁ ପରିବର୍ତ୍ତନ କରିନେଲେ । ଅବୁ ରାଫେ କହିବାକୁ ଲାଗିଲା ଯେ, ତୋ ମାତା ମରୁ ନାହିଁ ! କେହି ଜଣେ ବ୍ୟକ୍ତି ମୋ କୋଠରୀରେ ଅଛି ଏବଂ ସେ ମୋ ଉପରେ କିଛି ସମୟ ପୂର୍ବେ ନିଜର ଖଡ୍‌ଗ ଦ୍ୱାରା ଆକ୍ରମଣ କରିଥିଲା । ତେବେ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ର.ଅ କୁହନ୍ତି : "ମୁଁ ପୁଣିଥରେ ଅବୁ ରାଫେ ଉପରେ ଏକ ପ୍ରହାର କଲି। ଅର୍ଥାତ୍ ଅବୁ ରାଫେର ସ୍ୱର ଶୁଣି ମୁଁ ପୁଣିଥରେ ଅବୁ ରାଫେ ଉପରେ ପ୍ରହାର କଲି । ଏହା ଦ୍ୱାରା ଅବୁ ରାଫେ ଲହୁ ଲୁହାଣ ଅର୍ଥାତ୍ ରକ୍ତାକ୍ତ ହୋଇଗଲା । ମୁଁ ଅବୁ ରାଫେକୁ ମାରି ପାଇଲି ନାହିଁ । ଏତଦ୍‌ପରେ ମୁଁ ଖଡ୍‌ଗ ମୁନ ଅବୁ ରାଫେର ଉଦର୍ (ପେଟ) ରେ ରଖିଦେଲି । ଏପର୍ଯ୍ୟନ୍ତକି ଖଡ୍‌ଗଟି ପେଟର ଗୋଟିଏ ପଟରୁ ଆର ପଟକୁ ଫୁଟି ବାହାରି ପଡ଼ିଲା । ଅନ୍ୟ ଏକ ବର୍ଣ୍ଣନାରେ ପୁନଃ ଆକ୍ରମଣର ଚର୍ଚ୍ଚା ଏହିପରି ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ର.ଅ କୁହନ୍ତି, ମୁଁ ଅବୁ ରାଫେ ଆଡ଼କୁ ଧାଇଁଗଲି ଏବଂ ତା' ଉପରେ ଆଉ ଏକ ପ୍ରହାର କଲି । କିନ୍ତୁ ତାହା କୌଣସି ଫଳପ୍ରଦ ହେଲା ନାହିଁ । ସେ ଚିତ୍କାର କଲା ଏବଂ ଏହିପରି ଭାବରେ ମୁଁ ଦ୍ୱିତୀୟ ଥର ସ୍ୱର ବଦଳି ଆସିଲି । ମୁଁ ଏହା ଅବଲୋକନ କଲୁ ଯେ, ଅବୁ ରାଫେ ପିଠି କରି ମୁହଁ ଉପରକୁ କରି ଶୋଇଛି । ମୁଁ ଖଡ୍‌ଗ ତା' ପେଟରେ ରଖି ତା' ଉପରେ ଆନତ (ନଇଁ) ହୋଇ ପଡ଼ିଲି । ଏପର୍ଯ୍ୟନ୍ତକି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ମୁଁ ଶରୀରର ପଞ୍ଜରା ହାଡ଼ ଭାଙ୍ଗିବାର ଶବ୍ଦ ଶୁଣିଲି । ଉକ୍ତ ବର୍ଣ୍ଣନାଟି ମଧ୍ୟ ବୁଖାରୀର ବର୍ଣ୍ଣନା ଅଟେ । ଅତଏବ୍ ମୁଁ ଜାଣି ପାରିଲି ଯେ, ମୁଁ ଅବୁ ରାଫେର ବଧ କରି ସାରିଛି। ପୁନଶ୍ଚ ମୁଁ ଗୋଟି ଗୋଟି କରି ସମସ୍ତ କବାଟ ଖୋଲିଲି। ଏପର୍ଯ୍ୟନ୍ତିକ ମୁଁ ଶେଷ ଶିଢି (ପାହାଚ) ପର୍ଯ୍ୟନ୍ତ ପହଞ୍ଚିଗଲି । ମୁଁ ଏହା ଭାବିଲି ଯେ, ମୁଁ ଭୂମି ଉପରେ ପହଞ୍ଚି ଯାଇଛି । କିନ୍ତୁ ଗୋଡ଼ ଖସି ଯିବାରୁ ମୁଁ ତଳେ ପଡ଼ିଗଲି । ଅର୍ଥାତ୍ ଯେଉଁ ପାହାଚରେ ମୁ ପାଦ ରଖିଥିଲି ତାହା ଶେଷ ପାହାଚ ନଥିଲା ବରଂ ଆହୁରି ଦୁଇ ତିନୋଟି ପାହାଚ ରହିଯାଇଥିଲା । ଅତଏବ୍ ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ପାହାଚ ତଳକୁ ଖସି ପଡ଼ିଲେ । ଚନ୍ଦ୍ରମା ରାତ୍ରରେ ମୋ ପାଦର ଗୋଇଠି ଭାଙ୍ଗିଗଲା । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମୋ ପାଦର ଗଣ୍ଠି ଖସିଗଲା । ମୁଁ ପାଦର ଗୋଇଠି ଗଣ୍ଠିକୁ ପଗଡ଼ି ଦ୍ୱାରା ବାନ୍ଧିଦେଲି । ଏହାପରେ ମୁଁ ଆସି ଦୁଆର ସମ୍ମୁଖରେ ବସିଗଲି ଏବଂ ଭାବିବାକୁ ଲାଗିଲି ଯେ, ଯେପର୍ଯ୍ୟନ୍ତ ମୁଁ ନିଶ୍ଚିନ୍ତ ହୋଇଯାଇ ନାହିଁ ଯେ, ମୁଁ ଅବୁ ରାଫେକୁ ମାରି ଦେଇଛି ସେପର୍ଯ୍ୟନ୍ତ ମୁଁ ଆଜି ରାତିରେ ବାହାରକୁ ବାହାରିବି ନାହିଁ । ଯେତେବେଳେ ଗଞ୍ଜା (ନର କୁକୁଡ଼ା) କୁକ୍କୁଡ଼ୁ କୁ ଡାକ ମାରିବା ଆରମ୍ଭ କଲା ସେତେବେଳେ ମୃତ୍ୟୁର ସୂଚନା ପ୍ରଦାନକାରୀ ବ୍ୟକ୍ତି ଚାରି କାନ୍ଥ ଉପରେ ଛିଡ଼ା ହେଲା ଏବଂ କହିବାକୁ ଲାଗିଲା ଯେ, ହେ ହିଜାଜ୍ ବାସୀ ! ମୁଁ ଆପଣମାନଙ୍କୁ ବ୍ୟବସାୟୀ ଅବୁ ରାଫେଙ୍କ ମୃତ୍ୟୁ ସୂଚନା ପ୍ରଦାନ କରୁଛି । ମୁଁ ନିଜର ସାଥିମାନଙ୍କ ଆଡ଼କୁ ଗଲି । ମୁଁ କହିଲି ମୋକ୍ଷ, ଅଲ୍ଲାଃତାଲା ଅବୁ ରାଫେର ସଂହାର କରିଦେଲେ । ପୁନଶ୍ଚ ନବୀ କରୀମ୍ ସ.ଅଙ୍କ ନିକଟରେ ମୁଁ ପହଞ୍ଚିଲି ଏବଂ ଆପଣ ସ.ଅଙ୍କୁ କହିଲି । ଆପଣ ମୋତେ କହିଲେ, ହେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ! ତୁମ୍ଭେ ନିଜର ପାଦକୁ ଆଗକୁ କର । ମୁଁ ନିଜର ପାଦ ଆଗକୁ କଲି । ଆପଣ ସ.ଅ ମୋ ପାଦ ଉପରେ ନିଜର ପବିତ୍ର ହସ୍ତର ସ୍ପର୍ଶ କଲି । ଅର୍ଥାତ୍ ମୋତେ ତହିଁରେ କୌଣସି କଷ୍ଟ ଅନୁଭୂତ ହେଲା ନାହିଁ । ଆପଣ ସ.ଅଙ୍କ ସେହି ପାଦ ଉପରେ ହସ୍ତ ସ୍ପର୍ଶ କରିବା ପରେ ମୋତେ କୌଣସି କଷ୍ଟ ଅନୁଭୂତ ହେଲା ନାହିଁ । ଦ୍ୱିତୀୟ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ଅବଦୁଲ୍ଲାଃ ବିନ୍ ଅତିକ୍ ର.ଅ ବର୍ଣ୍ଣନା କଲେ ଯେ, ମୁଁ ନିଜର ସାଥିମାନଙ୍କ ପାଖକୁ ଟଳମଳ ହୋଇ ଆସିଲି । ମୁଁ କହିଲି, ହେ ସାଥିମାନେ ଯାଅ ଆଁହଜରତ ସ.ଅଙ୍କୁ ଯାଇ ଏହି ଶୁଭ ସମାଚାର ଦେଇଦିଅ ଯେ, ମୁଁ ଅବୁ ରାଫେର ସଂହାର କରି ଦେଇଛି । କାରଣ ଯେପର୍ଯ୍ୟନ୍ତ ମୁଁ ମୃତ୍ୟୁର ସୂଚନା ପ୍ରଦାନକାରୀ ବ୍ୟକ୍ତିର ଡାକ ଶୁଣି ନେଇ ନାହିଁ ସେପର୍ଯ୍ୟନ୍ତ ମୁଁ ଆଁହଜରତ ସ.ଅଙ୍କ ପାଖକୁ ଯିବି ନାହିଁ । ଅତଏବ ଯେତେବେଳେ ସକାଳ ସମୟ ପାଖେଇ ଆସିଲା । ସୂଚନା ପ୍ରଦାନକାରୀ ବ୍ୟକ୍ତି କାନ୍ଥ ଉପରେ ଚଢି କହିଲା ହେ ହିଜାଜ୍ ବାସୀମାନେ! ମୁଁ ଅବୁ ରାଫେର ମୃତ୍ୟୁର ସୂଚନା ପ୍ରଦାନ କରୁଛି ଏବଂ ଅବୁ ରାଫେର ମୃତ୍ୟୁର ପୁଷ୍ଟି କରୁଛି ଅବ୍ଦୁଲ୍ଲାଃ ବିନ୍ ଅତିକ୍ କହୁନ୍ତି: "ମୁଁ ଉଠି ଯେତେବେଳେ ଚାଲିବା ଆରମ୍ଭ କଲି ସେତେବେଳେ ମୋତେ କୌଣସି କଷ୍ଟ ଅନୁଭୂତ ହେଲା ନାହିଁ । ମୋର ସାଥିମାନେ ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ମୁଁ ନିଜର ସାଥିମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲି । ସେହିପରି ଏକ ର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ତାଙ୍କ(ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅଙ୍କ) ପାଦରେ ବାଜଥିବା ଆଘାତର କଷ୍ଟ ଦୂରୀଭୂତ ହୋଇଗଲା ।" **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-କତ୍ଲୁ ଅବି ରାଫେ, ହଦିସ୍ ନଂ-4039-4040)**

ଉକ୍ତ ଘଟଣାକୁ ଇମାମ୍ ବୁଖାରୀ ହ. ବରାଅ ବିନ୍ ଆଜିବ୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି । ଉକ୍ତ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ ଅବୁ ରାଫେକୁ ଏକାକୀ ବଧ କରିଥିଲେ । କିନ୍ତୁ ଇବ୍ନେ ଉକ୍ବା, ଇବ୍ନେ ଇସ୍ହାକ୍, ମୁହମ୍ମଦ ବିନ୍ ଉମର୍, ଇବ୍ନେ ସାଆଦ୍ ଆଦି ଇତିହାସବିତ୍ମାନେ ବର୍ଣ୍ଣନା କିରଛନ୍ତି ଯେ, ଅବ୍ଦୁଲ୍ଲାଃ ବିନ୍ ଅତିକ୍ଙ୍କ ସହିତ ସମସ୍ତ ସାଥିମାନେ ଏକତ୍ରିତ ହୋଇ ବଧ କରିଥିଲେ । **(ସବ୍ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-104-105, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତରୁ ଉଦ୍ଧୃତ)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉକ୍ତ ଘଟଣା ଏବଂ ବର୍ଣ୍ଣନାର ବିଶ୍ଳେଷଣ ମଧ୍ୟ କରିଛନ୍ତି ଓ ଏହାକୁ ବର୍ଣ୍ଣନା ମଧ୍ୟ କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ମୁସଲମାନମାନଙ୍କ ବିରୁଦ୍ଧରେ ଯେଉଁ ଇହୁଦୀମାନଙ୍କ ପକ୍ଷରୁ ଯେଉଁ ଉପଦ୍ରବମୂଳକ ଏବଂ ଉତ୍ତେଜକପୂର୍ଣ୍ଣ ଉପଦ୍ରବ ସୃଷ୍ଟି କରାଯାଇଥିଲା ତନ୍ମଧ୍ୟରୁ ହୁୟଇ ବିନ୍ ଅଖ୍ତବ୍ ବନୁ କୁରୈଜା ସଂପ୍ରଦାୟ ସହିତ ନିଜର ଦଣ୍ଡ ଭୋଗି ସାରିଥିଲା । କିନ୍ତୁ ସଲ୍ଲାମ୍ ବିନ୍ ଅବି ଅଲ୍ ହୁକୈକ୍ ଯାହାର ଗୋତ୍ର ଅବୁ ରାଫେ ଥିଲା ସେ ଏପର୍ଯ୍ୟନ୍ତ ଖୈବର୍ ଅଞ୍ଚଳରେ ଏପରି ମୁକ୍ତ ଓ ନିଜର ଉପଦ୍ରବରେ ମାତିଥିଲା । ଉପଦ୍ରବରେ କେବଳ ମାତି ନଥିଲା ବରଂ ଅହ୍ଜାବ୍ ଯୁଦ୍ଧର ତିରସ୍କାର ଏବଂ ଅସଫଳତା ଓ ବନୁ କୁରୈଜା ସଂପ୍ରଦାୟର ଭୟଙ୍କର ପରିଣାମ ତାହାର ଶତ୍ରୁତାକୁ ଆହୁରି ଦ୍ୱିଗୁଣିତ କରି ଦେଇଥିଲା । ଯଦିଓ ଗତ୍ଫାନ୍ ସଂପ୍ରଦାୟର ଠିକଣା ଖୈବର୍ ଅଞ୍ଚଳ ନିକଟବର୍ତ୍ତୀ ଥିଲା ଏବଂ ଖୈବର୍ର ଇହୁଦୀମାନେ ଓ ନଜଦ୍ର ସଂପ୍ରଦାୟମାନେ ପରସ୍ପର ପଡ଼ୋଶୀ ଥିଲେ । ତେଣୁ ଅବୁ ରାଫେ ମନସ୍ଥ କରିଥିଲା ଯେ, ନଜଦ୍ର ନୃଶଂସ ଏବଂ ଯୋଦ୍ଧା ସଂପ୍ରଦାୟକୁ ମୁସଲମାନମାନଙ୍କ ବିପକ୍ଷରେ ଉସକାଇ ଦିଆଯାଉ। ରସୁଲୁଲ୍ଲାଃ ସ.ଅଙ୍କ ଶତ୍ରୁତାରେ ସେ କାଆବ୍ ବିନ୍ ଅଶ୍ରଫ୍ ପରି ପୂର୍ଣ୍ଣ ସାଦୃଶ୍ୟତା ରଖୁଥିଲା । ସୁତରାଂ ସେହି କାଳରେ ସେ ଗତ୍ଫାନ୍ବାସୀଙ୍କୁ ଆଁହଜରତ ସ.ଅଙ୍କ ବିପକ୍ଷରେ ଆକ୍ରମଣ କରିବା ନିମନ୍ତେ ବିପୁଳ ପରିମାଣର ଆର୍ଥିକ ସାହାଯ୍ୟ କରିଥିଲା । ଇତିହାସରୁ ଏହା ପ୍ରମାଣିତ ଯେ, ସେ ଶାବାନ୍ ମାସରେ ବନୁ ସାଆଦ୍ ପକ୍ଷରୁ ଯେଉଁ ବିପତ୍ତି ମୁସଲମାନମାନଙ୍କ ବିରୁଦ୍ଧରେ ସୃଷ୍ଟି ହୋଇଥିଲା ତା'କୁ ପ୍ରତିହତ କରିବା ନିମନ୍ତେ ହ. ଅଲୀ ର.ଅଙ୍କ ନେତୃତ୍ୱରେ ଏକ ସୈନ୍ୟ ଟୁକୁଡ଼ି ମଦିନାରୁ ପ୍ରେରଣ କରାଯାଇଥିଲା । ତେଣୁ ବନୁ ସାଆଦ୍ ପକ୍ଷରୁ ସୃଷ୍ଟ ଉପଦ୍ରବର ଗହ୍ୱରେ ମଧ୍ୟ ଖୈବରର ଇହୁଦୀମାନଙ୍କର ହାତ ରହିଥିଲା । ଏହି ଇହୁଦୀମାନେ ଅବୁ ରାଫେର ନେତୃତ୍ୱରେ ଉପଦ୍ରବ କରୁଥିଲେ । କିନ୍ତୁ ଅବୁ ରାଫେ ଏତିକିରେ ଅଟକିଗଲା ନାହିଁ। ତା' ଶତ୍ରୁତାର ଅଗ୍ନି ମୁସଲମାନମାନଙ୍କର ରକ୍ତ ପିପାସୁ ଥିଲା ଏବଂ ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ତା' ଚକ୍ଷୁରେ କଣ୍ଟା ପରି ଚୁଭୁଥିଲା । ସୁତରାଂ ପରିଶେଷରେ ସେ ଏହି ଉପାୟ ପାଞ୍ଚିଲା ଯେ, ଅହଜାବ୍ ଯୁଦ୍ଧ ପରି ନଜଦ୍ର ସଂପ୍ରଦାୟ ଗତ୍ଫାନ ଓ ଅନ୍ୟ ସଂପ୍ରଦାୟମାନଙ୍କ ଆଡ଼କୁ ପୁଣିଥରେ ଗସ୍ତ କରିବା ଆରମ୍ଭ କଲା । ସେ ମୁସଲମାନଙ୍କୁ ଧ୍ୱଂସ କରିଦେବା ନିମନ୍ତେ ଏକ ବିଶାଳ ସୈନ୍ୟବାହିନୀ ଆକାରରେ ଏକତ୍ରିତ କରିବା ଆରମ୍ଭ କରିଦେଲା । ଅହ୍ଜାବ୍ ଯୁଦ୍ଧ ପରେ ସେ ପୁନଶ୍ଚ ଆକ୍ରମଣ କରିବା ନିମନ୍ତେ ଆଉ ଏକ ଗୋଷ୍ଠୀ ତିଆରି କରିବା ଆରମ୍ଭ କରିଦେଲା ।"

ଯେତେବେଳେ ପରିସ୍ଥିତି ଏପରି ହୋଇଗଲା ଏବଂ ମୁସଲମାନମାନଙ୍କ ଚକ୍ଷୁ ସମ୍ମୁଖରେ ପୁନଶ୍ଚ ସେହି ଅହ୍ଜାବ୍ ଯୁଦ୍ଧ ପରି ଦୃଶ୍ୟ ନାଚି ଉଠିଲା ସେତେବେଳେ ଆଁହରତ ସ.ଅଙ୍କ ସେବାରେ ଖଜ୍ରଜ୍ ସଂପ୍ରଦାୟର କେତେକ ଅନ୍ସାରୀ ବ୍ୟକ୍ତିମାନେ ଉପସ୍ଥିତି ହେଲେ ଏବଂ ସେମାନେ କହିଲେ, ହେ ମୁହମ୍ମଦ ସ.ଅ ବର୍ତ୍ତମାନ ଅବୁ ରାଫେ ଯେକି ଉକ୍ତ ଉପଦ୍ରବର ମୂଳ କାରଣ ଅଟେ, ତା'ର ଅନ୍ତ ଘଟାଇ ଉକ୍ତ ଉପଦ୍ରବର ପ୍ରତିକାର କରିଦେବା ଛଡ଼ା ଆଉ ଅନ୍ୟ କୌଣସି ଉପାୟ ନାହିଁ । ଏହା ହିଁ ଏକମାତ୍ର ପ୍ରତିକାର ତଥା ଉପଚାର ଅଟେ । ଆଁହଜରତ ସ.ଅ ଉକ୍ତ ପ୍ରସଙ୍ଗ ଉପରେ ଚିନ୍ତା କଲେ ଯେ, ଦେଶରେ ଅରାଜକତା ଏବଂ ରକ୍ତପାତ ବଦଳରେ ଯଦି ଜଣେ ଉପଦ୍ରବୀ ବ୍ୟକ୍ତି ନିହିତ ହୁଏ ତେବେ ଏହା ଅଧିକ ଶ୍ରେୟସ୍କର ଓ ଉଚିତ୍ ହେବ । ଅତଏବ୍ ଆପଣ ସ.ଅ ସେହି ସାହାବାମାନଙ୍କୁ ଅନୁମତି ପ୍ରଦାନ କଲେ ଯେ, ସେମାନେ ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ନାମକ ଅନ୍ସାରୀ ବ୍ୟକ୍ତିଙ୍କ ନେତୃତ୍ୱରେ ଚାରି ଜଣ ଖଜ୍ରଜ୍ ସାହାବିଙ୍କ ସମେତ ଅବୁ ରାଫେ ଆଡ଼କୁ ଯାଆନ୍ତୁ । କିନ୍ତୁ ଯିବା ସମୟରେ ଆପଣ ସ.ଅ ସେମାନଙ୍କୁ ଏହି ତାଗିଦ୍ ମଧ୍ୟ କଲେ ଯ, ହେ ସାହାବାମାନେ ! ତୁମେମାନେ କୌଣସି ମହିଳା କିମ୍ବା କୌଣସି ଛୋଟ ପିଲାଙ୍କୁ କଦାପି ହତ୍ୟା କରିବ ନାହିଁ । ଆପଣ ସ.ଅ ସାହାବାମାନଙ୍କୁ ପୁନଃ ତାଗିଦ୍ କଲେ ଯେ, ହେ ସାହାବାମାନେ ! ତୁମେମାନେ କୌଣସି ମହିଳା କିମ୍ବା କୌଣସି ଛୋଟ ପିଲାଙ୍କୁ କଦାପି ବଧ କରିବ ନାହିଁ । ଆଁହଜରତ ସ.ଅ ଯଦି ସାହାବାମାନଙ୍କୁ ଦ୍ୱିତୀୟ ଥର ପାଇଁ ତାଗିଦ୍ କରିଛନ୍ତି ତେବେ ଏହା କିପରି ସମ୍ଭବପର ହୋଇପାରୁଥିଲା ଯେ, ଜଣେ ମହିଳାର ସଂହାର କରି ଦିଆଗଲା ? ସୁତରାଂ 6 ହିଜ୍ରୀ ରମ୍ଜାନ୍ ମାସରେ ଉକ୍ତ ସୈନ୍ୟଦଳ ବାହାରିଲା ଏବଂ ଅତ୍ୟନ୍ତ ସତର୍କତାପୂର୍ବକ ନିଜର କାର୍ଯ୍ୟ କରି ଫେରି ଆସିଲା । ଏହିପରି ଭାବରେ ମଦିନା ଉପରେ ଯେଉଁ ବିପତ୍ତିର ବାଦଲ ରହିଥିଲା ତାହା କ୍ରମଶଃ ଅପସାରିତ ହୋଇଗଲା। ଉକ୍ତ ଘଟଣାର ବିସ୍ତୃତ ବିବରଣୀ ବୁଖାରୀରେ ଉଲ୍ଲିଖିତ ହୋଇଛି ତାହାର ଯେଉଁ ସ୍ଥିତି ବର୍ଣ୍ଣିତ ହୋଇଛି ତାହା ଏହିପରି ଯେପରିକି ମୁଁ ପୂର୍ବେ ବର୍ଣ୍ଣନା କରିଛି ଯେ, ସେମାନେ ଏହାକୁ ଅର୍ଥାତ୍ ବର୍ଣ୍ଣନାକାରୀମାନେ ଉକ୍ତ ଘଟଣାକୁ ନିଜସ୍ୱ ଢଙ୍ଗରେ ବର୍ଣ୍ଣନା କରିଛନ୍ତି। ଅତଏବ୍ ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ନିଜର ଦଳେ ସାହାବାମାନଙ୍କୁ ଅବୁ ରାଫେ ନାମକ ଇହୁଦୀ ବ୍ୟକ୍ତି ଆଡ଼କୁ ପ୍ରେରଣ କଲେ । ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ଅନ୍ସାରୀଙ୍କୁ ଉକ୍ତ ସୈନ୍ୟଗୋଷ୍ଠୀର ସେନାପତି ନିଯୁକ୍ତ କରି ପ୍ରେରଣ କଲେ । ଅବୁ ରାଫେର ଏହି ପରମ୍ପରା ରହିଥିଲା ଯେ, ସେ ଆଁହଜରତ ସ.ଅଙ୍କୁ ବହୁତ ଦୁଃଖ କଷ୍ଟ ଦେଉଥିଲା ଏବଂ ଲୋକମାନଙ୍କୁ ଆଁହଜରତ ସ.ଅଙ୍କୁ ବିରୁଦ୍ଧରେ ଉସ୍କାଉଥିଲା ଓ ଲୋକମାନଙ୍କୁ ସାହାଯ୍ୟ କରୁଥିଲା । ଯେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ଓ ତା'ର ସାଥିମାନେ ଅବୁ ରାଫେର ଦୁର୍ଗ ନିକଟବର୍ତ୍ତୀ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ପହଞ୍ଚିଲେ ଏବଂ ସୂର୍ଯ୍ୟାସ୍ତ ହୋଇଗଲା ସେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ ନିଜର ସାଥିମାନଙ୍କୁ ପଛରେ ଛାଡ଼ିଦେଲେ । ଅବଦୁଲ୍ଲାଃ ବିନ୍ ଅତିକ୍ ର.ଅ ନିଜେ ଦୁର୍ଗର ଦ୍ୱାର ନିକଟରେ ପହଞ୍ଚିଲେ ଏବଂ ଆପଣ ଏପରି ଚଦର ଘୋଡାଇ ହୋଇ ବସି ପଡ଼ିଲେ ଯେପରିକି କୌଣସି ବ୍ୟକ୍ତି ମଳ ତ୍ୟାଗ କରିବା ସମୟରେ ବସିଥାଏ । ଦୁର୍ଗର ମୁଖ୍ୟ ଦ୍ୱାର ବନ୍ଦ କରୁଥିବା ଦ୍ୱାରପାଳ ଦ୍ୱାର ନିକଟକୁ ଆସିଲା ସେତେବେଳେ ସେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅଙ୍କୁ ଦେଖି ଡାକ ମାରିଲା ଯେ, ହେ ବ୍ୟକ୍ତି ! ମୁଁ ଦୁର୍ଗର ମୁଖ୍ୟ ଦ୍ୱାର ବନ୍ଦ କରିବାକୁ ଯାଉଛି । ତେଣୁ ତୁମେ ଯଦି ଭିତରକୁ ଆସିବାକୁ ଇଚ୍ଛୁକ ତେବେ ଶୀଘ୍ର ଚାଲିଆସ । ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ ଚଦର ଘୋଡ଼ାଇ ହୋଇ ଶୀଘ୍ର ଶୀଘ୍ର ମୁଖ୍ୟ ଦ୍ୱାର ଦେଇ ଦୁର୍ଗ ମଧ୍ୟରେ ପ୍ରବେଶ କରି ଏକ ପାର୍ଶ୍ୱରେ ଲୁଚିଗଲେ। ଦ୍ୱାର ବନ୍ଦ କରୁଥିବା ଦ୍ୱାରପାଳ ଦ୍ୱାର ବନ୍ଦି କରି ଦ୍ୱାରର ଚାବିକୁ ଏକ ନିକଟବର୍ତ୍ତୀ ଖୁଣ୍ଟରେ ଓହଳାଇଦେଇ ଚାଲିଗଲା ।

ଏତଦ୍‌ପରେ ଅବ୍ଦୁଲ୍ଲାଃ ବିନ୍ ଅତିକଙ୍କ ନିଜସ୍ୱ ବିବୃତି ରହିଛି । ଆପଣ ର.ଅ କୁହନ୍ତି: "ମୁଁ ନିଜ ସ୍ଥାନରୁ ବାହାରିଲି ଏବଂ ସର୍ବ ପ୍ରଥମେ ମୁଁ ଦୁର୍ଗର ମୁଖ୍ୟ ଦ୍ୱାରର କୋଲପ (ତାଲା) ଖୋଲିଦେଲେ । କାରଣ ମୁଁ ଆବଶ୍ୟକ ସ୍ଥଳରେ ଶୀଘ୍ରତାର ସହିତ ଓ ଅତି ସହଜରେ ବାହାରକୁ ବାହାରି ଯିବି । ଅବୁ ରାଫେ ସେତେବେଳେ ଚୌବାରା ଅର୍ଥାତ୍ ଉପର ମହଲାର ଚାରି କବାଟ ଏବଂ ଚାରୋଟି ଝରକା ମଧ୍ୟସ୍ଥ ଏକ କୋଠରୀ ମଧ୍ୟରେ ଥିଲା । ଅର୍ଥାତ୍ ସେ ନିଜର ଉପର ମହଲାରେ ଥିବେ ଟେରିସ୍ (ଛାତ) ଉପରେ ଥିବା କୋଠରୀ ମଧ୍ୟରେ ଥିଲା । ତା' ନିକଟରେ ଅନେକ ଲୋକମାନେ ଆସର ସଜାଇ ବସିଥିଲେ ଏବଂ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ । ଯେତେବେଳେ ଏହି ଲୋକମାନେ ଉଠି ଚାଲିଗଲେ ଏବଂ ପରିବେଶ ଶାନ୍ତ ଏବଂ ନିରବ ହୋଇଗଲା ସେତେବେଳେ ଅବୁ ରାଫେ ନିଜ ଘରର ଶିଡି ପାହାଚରେ ଚଢି ଉପରକୁ ଚାଲିଗଲା ଏବଂ ମୁଁ ଏହି ସତର୍କତା ଅବଲମ୍ବନ କଲି ଯେ, ମାର୍ଗରେ ଯେଉଁ ଦ୍ୱାରା ଆସୁଥିଲା ମୁଁ ସେହି ଦ୍ୱାର ଅର୍ଥାତ୍ କବାଟକୁ ଭିତର ପଟୁ ଯାଇ ବନ୍ଦ କରି ନେଉଥିଲି । ଯେତେବେଳେ ଅବୁ ରାଫେ ନିଜ କୋଠରୀ ମଧ୍ୟରେ ପହଞ୍ଚିଲା ସେତେବେଳେ ସେ ଦୀପ ଲିଭାଇ ଶୋଇବା ନିମନ୍ତେ ପ୍ରସ୍ତୁତ ହେଉଥିଲା ଏବଂ କୋଠରୀ ସଂପୂର୍ଣ୍ଣ ରୂପେ ଅନ୍ଧାର ଥିଲା। ଅବ୍ଦୁଲ୍ଲାଃ ବିନ୍ ଅତିକ୍ କୁହନ୍ତି ଯେ, ମୁଁ ଡାକ ମାରିଲି ଯେ, ହେ ଅବୁ ରାଫେ ! ପ୍ରତ୍ୟୁତ୍ତରରେ ଅବୁ ରାଫେ କହିଲା, କିଏ ? ତେଣୁ ଯେଉଁ ଦିଗରୁ ମୁଁ ଶବ୍ଦ ଶୁଣିଥିଲି ସେହି ଦିଗର ଆକଳନ କରି ଅବୁ ରାଫ ଉପରକୁ ଲମ୍ଫ ମାରିଦେଲି (ଡେଇଁ ପଡ଼ିଲି) ଓ ଖଡ଼୍‌ଗର ଏକ ପ୍ରାଣଘାତୀ ତଥା ମରଣାନ୍ତକ ପ୍ରହାର କଲି । କିନ୍ତୁ କୋଠରୀ ବହୁତ ଅନ୍ଧାର ଥିଲା ଏବଂ ମୁଁ ସେତେବେଳେ ଭୟଭୀତ ହେଲି । ତେଣୁ ଖଡ଼୍‌ଗର ପ୍ରହାର ସଠିକ୍ ବସିଲା ନାହିଁ ଏବଂ ଅବୁ ରାଫେ ଚିତ୍କାର କଲା । ଫଳତଃ ମୁଁ (ଅର୍ଥାତ୍ ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ) କୋଠରୀ ମଧ୍ୟରୁ ବାହାରକୁ ବାହାରି ଆସିଲି । କିଛି ସମୟ ପରେ ମୁଁ ପୁନଃ କୋଠରୀ ମଧ୍ୟକୁ ଗଲି ଏବଂ ନିଜର ସ୍ୱରକୁ ବଦଳି ଅବୁ ରାଫେକୁ ପଚାରିଲି ଯେ, ହେ ଅବୁ ରାଫେ ! ଏହି ଶବ୍ଦ କିପରିକା ଥିଲା ? ଅବୁ ରାଫେ ମୋର ପରିବର୍ତ୍ତିତ ସ୍ୱରକୁ ଚିହ୍ନି ପାରିଲା ନାହିଁ ଏବଂ କହିଲା, ତୋ ମା ତୋତା ହରାଇ ବସୁ ! ମୋ ଉପରେ କେହି ଜଣେ ବ୍ୟକ୍ତି ଖଡ଼୍‌ଗ ଦ୍ୱାରା ଆକ୍ରମଣ କରିଛି । ମୁଁ ଉକ୍ତ ସ୍ୱର ଶୁଣି ପୁନଃ ତା' ଆଡ଼କୁ ଧାଇଁଲି ଏବଂ ତା' ଉପରେ ଖଡ଼୍‌ଗ ପ୍ରହାର କଲି । ଏଥର ପ୍ରହାର ସଠିକ୍ ସ୍ଥାନରେ ବାଜିଥିଲା । କିନ୍ତୁ ସେ ଅର୍ଥାତ୍ ଅବୁ ରାଫେ ତଥାପି ମରି ନଥିଲା । ଫଳତଃ ତୃତୀୟ ପ୍ରହାର କରି ମୁଁ (ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ) ଅବୁ ରାଫେର ସଂହାର କରିଦେଲି । ଏତଦ୍‌ପରେ ମୁଁ ଶୀଘ୍ର ଶୀଘ୍ର କବାଟ (ଦ୍ୱାର) ଖୋଲି ଯାଉଥିଲି ଏବଂ ଘର ଭିତରକୁ ବାହାରକୁ ବାହାରି ଆସିଲି । କିନ୍ତୁ ମୁଁ ଯେତେବେଳେ ଶିଡି ତଳକୁ ଓହ୍ଲାଉଥିଲି ସେତେବେଳେ ଭୂମି ତଳକୁ ପାଦ ଲାଗିବାକୁ ଆଉ କିଛି ପାଦ ପାହାଚ ରହି ଯାଇଥିଲା । ତେଣୁ ମୁଁ ଭାବିଲି ଯେ, ପାହାଚ ସରି ଯାଇଛି ଓ ମୁଁ ତଳକୁ ଓହ୍ଲାଇ ଆସିବି । କିନ୍ତୁ ଅନ୍ଧାର ଥିବା ହେତୁ ମୋ ପାଦ ପାହାଚରୁ ଖସିଗଲା ଏବଂ ମୁଁ ତଳେ ପଡ଼ିଗଲି । ପାହାଚରେ ଭୁଲ୍ ପାଦ ପକାଇବା ହେତୁ ମୁଁ ତଳେ ପଡ଼ିଗଲି ଏବଂ ମୋ ପାଦର ଗୋଇଠି ଭାଙ୍ଗିଗଲା । ଅନ୍ୟ ଏକ ବର୍ଣ୍ଣନାରେ ଗୋଇଠିର ଗଣ୍ଠି ଖସି ଯାଇଥିଲା ବୋଲି ବର୍ଣ୍ଣିତ ହୋଇଛି । କିନ୍ତୁ ମୁଁ ପାଦ ଅର୍ଥାତ୍ ଗୋଇଠିକୁ ପଗଡ଼ି ଦ୍ୱାରା ବାନ୍ଧି ଘୋଷାରି ହୋଇ ବାହାରକୁ ବାହାରି ଆସିଲି । କିନ୍ତୁ ମୁଁ ମନରେ ଭାବିଲି ଯେ, ଯେପର୍ଯ୍ୟନ୍ତ ମୁଁ ଅବୁ ରାଫେର ମୃତ୍ୟୁ ଖବର ସଂପର୍କରେ ଶୁଣି ନେଇ ନାହିଁ ସେପର୍ଯ୍ୟନ୍ତ ମୁଁ ଦୁର୍ଗ ବାହାରକୁ ବାହାରିବି ନାହିଁ । ଅତଏବ୍ ମୁଁ ଦୁର୍ଗ ନିକଟବର୍ତ୍ତୀ ଏକ ସ୍ଥାନରେ ଲୁଚି ବସିଗଲି । ଯେତେବେଳେ ସକାଳ ହେଲା ଏବଂ ଦୁର୍ଗ ମଧ୍ୟରେ ଜନୈକ୍ ବ୍ୟକ୍ତି ଆସି ଡାକ ମାରିଲା ଯେ, ହିଜାଜ୍‌ର ବ୍ୟବସାୟୀ ଅବୁ ରାଫେର ମୃତ୍ୟୁ ଘଟିଛି । ଅବୁ ରାଫେ ମୃତ୍ୟୁବରଣ କରିଛି । "

ଏତଦ୍‌ପରେ ମୁଁ ଉଠିଲି ଏବଂ ଧୀରେ ଧୀରେ ନିଜର ସାଥିମାନଙ୍କ ସହିତ ଆସି ସମ୍ମିଳିତ ହୋଇଗଲି । ପୁନଶ୍ଚ ଆମେମାନେ ମଦିନା ଆସି ଆଁହଜରତ ସ.ଅଙ୍କୁ ଅବୁ ରାଫେର ବଧ ସଂପର୍କରେ ସୂଚନା ପ୍ରଦାନ କଲୁ । ଆପଣ ସ.ଅ ସମସ୍ତ ଘଟଣା ବୃତ୍ତାନ୍ତ ଶୁଣି ମୋତେ ଇଙ୍ଗିତ କଲେ ଯେ, ହେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ! ତୁମେ ନିଜ ପାଦ ଆଗକୁ କର । ମୁଁ ଯେତେବେଳେ ନିଜର ପାଦ ଆଗକୁ କଲି ସେତେବେଳେ ଆପଣ ସ.ଅ ଦୁଆ କରି ନିଜର ପବିତ୍ର ହସ୍ତ ମୋ ପାଦ ଉପରେ ପ୍ରସାରିତ କଲେ। ଏତଦ୍‌ପରେ ମୁଁ ଏହା ଅନୁଭବ କଲି ଯେ, ମୋତେ ପୂର୍ବେ କୌଣସି କଷ୍ଟ ପହଞ୍ଚି ନଥିଲା ।

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅତିକ୍ ର.ଅ ଅବୁ ରାଫେ ଉପରେ ଆକ୍ରମଣ କଲେ ସେତେବେଳେ ଅବୁ ରାଫେର ପତ୍ନି ଖୁବ୍ ଜୋରରେ ଚିତ୍କାର କରିବା ଆରମ୍ଭ କରିଦେଲା । ଫଳତଃ ମୁଁ ଚିନ୍ତିତ ହେଲି ଯେ, ଅବୁ ରାଫେର ପତ୍ନିର ଚିତ୍କାର ଶବ୍ଦ ଶୁଣି ଅନ୍ୟ ଲୋକମାନେ ସତର୍କ ହୋଇ ନଯାଆନ୍ତୁ । ଏହାପରେ ମୁଁ ଖଡ଼୍‌ଗ ଧରିଲି ଏବଂ ଅବୁ ରାଫେର ପତ୍ନିର ବଧ କରିଦେବି ବୋଲି ମନରେ ସ୍ଥିର କଲି । କିନ୍ତୁ ମୋତେ ଆଁହଜରତ ସ.ଅଙ୍କ ସେହି ଆଦେଶ ମନେପଡ଼ିଗଲା ଯହିଁରେ ଆପଣ ସ.ଅ କହିଥିଲେ ଯେ, ତୁମେମାନେ ମହିଳାମାନଙ୍କୁ ବଧ କରିବ ନାହିଁ । ଅର୍ଥାତ୍ ଆଁହଜରତ ସ.ଅ ମହିଳାମାନଙ୍କୁ ବଧ କରିବାକୁ ବାରଣ କରିଥିଲେ । ଅତଏବ୍ ମୁଁ ଉକ୍ତ ଆକାଂକ୍ଷାରୁ ନିବୃତ୍ତ ହୋଇଗଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ସେହି କଥା ଥିଲା ଯେ, ଆଁହଜରତ ସାହାବାମାନଙ୍କୁ ବାରଣ କରିଥିଲେ ଯେ, ସେମାନେ ମହିଳା ଏବଂ ଛୋଟ ପିଲାମାନଙ୍କୁ ବଧ କରିବେ ନାହିଁ। ସେଇଥି ପାଇଁ ହ. ଅବ୍ଦୁଲ୍ଲାଃ ବିନ୍ ଅତିକ୍ ଖଡ଼୍‌ଗ ଉତ୍ତୋଳନ କଲେ ନାହିଁ । କିନ୍ତୁ ଆପଣ ର.ଅ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ଅର୍ଥାତ୍ ଦ୍ୱନ୍ଦ୍ୱରେ ଥିଲେ ।

ଅବୁ ରାଫେର ବଧର ଔଚିତ୍ୟତା ସଂକ୍ରାନ୍ତରେ ଆମମାନଙ୍କୁ ଏଠାରେ ବିବାଦରେ ପଡ଼ିବାର ଆବଶ୍ୟକତା ନାହିଁ । ଅବୁ ରାଫେ ଜଣେ ରକ୍ତ ପିପାସୁ ବ୍ୟକ୍ତି ଥିଲା ଏବଂ ଇତିହାସରେ ରକ୍ତାକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକାରୀ ବ୍ୟକ୍ତି ସ୍ୱରୂପ ଏକ ଖୋଲା ବହି (ପୁସ୍ତକ) ଥିଲା.....ନୈତିକତା ଏବଂ ସିଦ୍ଧାନ୍ତ ରୂପେ ଏତିକି ମନେ ରଖିବା ଉଚିତ୍ ଯେ,-

1- ସେତେବେଳେ ମୁସଲମାନମାନେ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଚତୁର୍ପାର୍ଶ୍ୱରୁ ବିପତ୍ତିରେ ପିଡ଼ୀତ ଥିଲେ । ପ୍ରତ୍ୟେକ ପ୍ରକାରର ବିରୋଧର ଅଗ୍ନି ଜଳୁଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ସମଗ୍ର ଆରବ ଦେଶ ମୁସଲମାନମାନଙ୍କୁ ସମାପ୍ତ କରିବା ନିମନ୍ତେ ଏକଜୁଟ୍ ହୋଇଯାଇଛି ।

2- ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଅଗ୍ନି ମୁସଲମାନମାନଙ୍କ ବିରୁଦ୍ଧରେ ଜଳୁଥିଲା ସେହି ଅଗ୍ନି ଉପରେ ଅବୁ ରାଫେ ଆହୁରି ଘିଅ ଢାଳୁଥିଲା । ଅବୁ ରାଫେ ନିଜର ପ୍ରଭାବ ଏବଂ ଆଭିଜାତ୍ୟତା ଓ ଧନ ମାଧ୍ୟମରେ ଆରବର ବିଭିନ୍ନ ସଂପ୍ରଦାୟମାନଙ୍କୁ ଇସଲାମ୍ ଧର୍ମ ବିରୁଦ୍ଧରେ ଉସ୍‌କାଉଥିଲା । ସେ ଉକ୍ତ କଥା ନିମନ୍ତେ ପ୍ରସ୍ତୁତ ହେଉଥିଲା ଯେ, ଅହଜାବ୍ ଯୁଦ୍ଧ ପରି ଆରବର ନୃଶଂସ ସଂପ୍ରଦାୟମାନେ ପୁନଃ ଏକତ୍ରିତ ହୋଇ ମଦିନା ଉପରେ ଆକ୍ରମଣ କରି ଦିଅନ୍ତୁ ।

3- ସେତେବେଳେ ଆରବରେ କୌଣସି ସରକାର ନଥିଲା ଯେ, ସେହି ସରକାରଙ୍କ ଠାରୁ ସାହାଯ୍ୟ ମଗା ଯାଇପାରି ଥାଆନ୍ତା । ବରଂ ପ୍ରତ୍ୟେକ ସଂପ୍ରଦାୟ ନିଜ ନିଜ ସ୍ଥାନରେ ମୁକ୍ତ ଓ ସ୍ୱାଧିକାର ପ୍ରାପ୍ତ ଥିଲା । ତେଣୁ ନିଜର ସୁରକ୍ଷା ନିମନ୍ତେ ସ୍ୱୟଂ କୌଣସି ଯୋଜନା ପ୍ରସ୍ତୁତ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା ।

4- ଇହୁଦୀ ଲୋକମାନେ ପ୍ରାରମ୍ଭରୁ ହିଁ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ପ୍ରସ୍ତୁତ ହୋଇ ରହିଥିଲେ ଏବଂ ମୁସଲମାନ ଓ ଇହୁଦୀମାନଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା ।

5- ସେତେବେଳେ ଏପରି ପରିସ୍ଥିତି ଥିଲା କି ଯଦି ଖୋଲମଖୋଲା ଭାବରେ ଇହୁଦୀମାନଙ୍କ ବିରୁଦ୍ଧରେ କୌଣସି ସୈନ୍ୟ ଚଢଉ କରାଯାଇ ଥାଆନ୍ତା ତେବେ ଏହା ଦ୍ୱାରା ଧନ ଜୀବନର କ୍ଷତି ଘଟିବାର ଯଥେଷ୍ଟ ଆଶଙ୍କା ରହିଥିଲା । ଏହି ଆଶଙ୍କା ମଧ୍ୟ ରହିଥିଲା ଯେ, ଯୁଦ୍ଧର ଅଗ୍ନି ବ୍ୟାପକ ହୋଇ ସମଗ୍ର ଦେଶରେ ବିନାଶର କରାଳ ରୂପ ନନେଇ ନେଉ ।

ଏହିସବୁ ପରିସ୍ଥିତିରେ ସାହାବାମାନେ ଯାହା କିଛି କଲେ ତାହା ସଂପୂର୍ଣ୍ଣ ରୂପେ ଠିକ୍ ଥିଲା । ଯୁଦ୍ଧ ସ୍ଥିତିରେ ଯେତେବେଳେ ଗୋଟିଏ ଜାତି ଜୀବ ଏବଂ ମୃତ୍ୟୁର ପରିବେଶ ମଧ୍ୟ ଦେଇ ଗତି କରୁଥାଏ ସେତେବେଳେ ଏହି ଧରଣର ଉପାୟ ଅର୍ଥାତ୍ ପ୍ରତିକାର କରିବା ସଂପୂର୍ଣ୍ଣ ରୂପେ ଯୁକ୍ତିଯୁକ୍ତ ଅଟେ । ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଧର୍ମ ସେମାନଙ୍କୁ ଆବଶ୍ୟକ ସ୍ଥଳେ ଏହି ପ୍ରକାରର ପନ୍ଥା ଆପଣାଇବା ପାଇଁ ଅଧିକାର ପ୍ରଦାନ କରିଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସାଂପ୍ରତିକ ଚାରିତ୍ରିକ ଅଧୋଗତି ଯୁଗରେ ଦୋଷୀ ସହିତ ସହାନୁଭୂତି ପ୍ରଦର୍ଶନ କରିବା


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସେହି ଅନୌଚିତ୍ୟ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଛି ଯେ, ଜଣେ ଅତ୍ୟାଚାରୀ ବ୍ୟକ୍ତି ମଧ ଖଳନାୟକରୁ ନାୟକ ହୋଇ ଯାଇଥାଏ ।

ଆଜିକାଲି ଆମେମାନେ ଅବଲୋକନ କରୁଛେ ଯେ, ଅତ୍ୟାଚାରୀ ବ୍ୟକ୍ତି ନାୟକ ସାଜିଛି । ଅତ୍ୟାଚାରୀ ବ୍ୟକ୍ତି ଯେଉଁ ଶାସ୍ତି ନିଜର ଅପରାଧ ଯୋଗୁଁ ପାଇବା କଥା । କିନ୍ତୁ ସେ ଦଣ୍ଡ ପାଇବା ପରିବର୍ତ୍ତେ ଜନସାଧାରଣଙ୍କ ସହାନୁଭୂତିକୁ ଆକର୍ଷିତ କରିବାକୁ ଲାଗିଥାଏ । ଅତ୍ୟାଚାରୀ ବ୍ୟକ୍ତିକୁ ଯଦି ଶାସ୍ତି ଦିଆଯାଏ କିମ୍ବା ଶାସ୍ତି ଦେବା ନିମନ୍ତେ ଯେତେବେଳେ କୁହାଯାଏ ସେତେବେଳେ ତା' ସହିତ ଜନ ସାଧାରଣର ସହାନୁଭୂତି ପ୍ରଦର୍ଶନ କରନ୍ତି କିମ୍ବା ନ୍ୟସ୍ତସ୍ୱାର୍ଥ ଲୋକମାନଙ୍କର ସହାନୁଭୂତି ସେହି ବ୍ୟକ୍ତି ସପକ୍ଷରେ ହୋଇଯାଇଥାଏ । ଫଳତଃ ସେହି ଅତ୍ୟାଚାରୀ ବ୍ୟକ୍ତିର ଅପରାଧ ଏବଂ ଦୋଷକୁ ଲୋକମାନେ ଭୁଲିଯାଇ ଥାଆନ୍ତି । ଅର୍ଥାତ୍ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଆମେମାନେ ଏହା ସ୍ୱୀକାରୋକ୍ତି ପ୍ରକାଶ କରୁ କି ଇସ୍‌ଲାମ୍ ଧର୍ମ ମିଥ୍ୟା ଆବେଗର ଧର୍ମ ନୁହେଁ। ବରଂ ଇସ୍‌ଲାମ୍ ଧର୍ମ ଦୋଷୀକୁ ଦୋଷୀ ଏବଂ ଅପରାଧୀକୁ ଅପରାଧୀ ବୋଲି ବିବେଚିତ କରିଥାଏ । ଦୋଷୀ ତଥା ଅଭିଯୁକ୍ତକୁ ଦଣ୍ଡ ବା ଶାସ୍ତି ଦେବାକୁ ଦେଶ ତଥା ସମାଜ ପାଇଁ ଦୟା ବୋଲି ମନେକରାଯାଇଥାଏ । ଦୋଷୀକୁ ଶରୀରରେ ଥିବା ଦୁର୍ଗନ୍ଧ ପଚ୍ଚା ଅଙ୍ଗ ପରି କାଟି ଫିଙ୍ଗି ଦେବା ନିମନ୍ତେ ଇସ୍‌ଲାମ୍ ଧର୍ମ ଶିକ୍ଷା ପ୍ରଦାନ କରିଥାଏ । ଇସ୍‌ଲାମ୍ ଧର୍ମ ଏହି ଶିକ୍ଷା ଆଦୌ ପ୍ରଦାନ କରେ ନାହିଁ କି ଉକ୍ତ ଆବେଗର ପରିପ୍ରକାଶ କରେ ନାହିଁ ଯେ, ଏକ ଦୁର୍ଗନ୍ଧଯୁକ୍ତ ଏବଂ ସଢି ଯାଇଥିବା ଅଙ୍ଗ ଶରୀରରେ ରହି ସୁସ୍ଥ ଅଙ୍ଗକୁ ଖରାପ କରିଦେଉ । ନା ।

ଆଉ ରହିଲା ଦଣ୍ଡ ଦେବାର ପ୍ରସଙ୍ଗ ଏବଂ ଶାସ୍ତି ଦେବାର ପ୍ରଶ୍ନ । ତେଣୁ ଏଥି ସଂକ୍ରାନ୍ତରେ ଏହା କୁହାଯାଇ ସାରିଛି ଯେ, ସେତେବେଳର ଆରବୀୟ ପରିସ୍ଥିତି ଅନୁଯାୟୀ ଏବଂ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାହା ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଓ ଇହୁଦୀମାନଙ୍କ ମଧ୍ୟରେ ବଳବତ୍ତର ରହିଥିଲା । ସେତେବେଳେ ଯେଉଁ ପନ୍ଥା ଅବଲମ୍ବନ କରାଗଲା ତାହା ସାର୍ବଜନୀନ ଶାନ୍ତି ଦୃଷ୍ଟିରୁ ଉତ୍ତମ ଏବଂ ଉଚିତ୍ ଥିଲା ।

ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ର.ଅଙ୍କ ଗୋଇଠି ଆରୋଗ୍ୟ ଲାଭ ହେବା ସଂକ୍ରାନ୍ତରେ ବୁଖାରୀରେ ଏହି ସ୍ପଷ୍ଟୋକ୍ତି ନାହିଁ ଯେ, କ'ଣ ଉକ୍ତ ଆରୋଗ୍ୟ ଲାଭ ଚମତ୍କାରିକ ଢଙ୍ଗରେ ତାତ୍କାଳୀକ ରୂପେ ସଂଘଟିତ ହୋଇଯାଇଥିଲା ଅବା ଧୀରେ ଧୀରେ ନିଜର ସ୍ୱଭାବଗତ କୋର୍ସ ପୂରା କରି ପ୍ରକଟିତ ହୋଇଥିଲା ? ଶେଷୋକ୍ତ ଚର୍ଚ୍ଚା ସ୍ଥଳେ ଏହା ଏକ ସାଧାରଣା ଘଟଣା ବୋଲି ମନେକରାଯିବ ଓ ଆଁହଜରତ ସ.ଅଙ୍କ ଦୁଆର ପ୍ରଭାବ କେବଳ ଏତିକି ହିଁ ମନେକରାଯିବ ଯେ, ଆପଣ ସ.ଅଙ୍କ ଦୁଆର କଲ୍ୟାଣ ଯୋଗୁଁ ଉକ୍ତ ଆଘାତ କୌଣସି ସବୁ ଦିନିଆ ପ୍ରଭାବ ପକାଇ ନାହିଁ । କୌଣସି କୁପରିଣାମ ବାହାରିଲା ନାହିଁ । ବରଂ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍‌ଙ୍କ ଗୋଇଠି ପରିଶେଷରେ ନିଜର ପ୍ରକୃତ ଏବଂ ପୂର୍ଣ୍ଣ ଶକ୍ତି ପ୍ରାପ୍ତ କରିନେଲା । ଆଘାତ ଏବଂ କ୍ଷତର ପ୍ରଭାବ ସଂପୂର୍ଣ୍ଣ ରୂପେ ଉଭେଇ ଗଲା । କିନ୍ତୁ ଯଦି ଉକ୍ତ ଆରୋଗ୍ୟ ଲାଭ ଚମତ୍କାରିକ ଢଙ୍ଗରେ ତୁରନ୍ତ ଘଟିଥିଲା ତେବେ ନିଃସନ୍ଦେହେ ରୂପେ ଉକ୍ତ ଘଟଣାଟି ଈଶ୍ୱରଙ୍କ ବିଶେଷ ବିଧାନର ଅଭୂତପୂର୍ଣ୍ଣ ଚମତ୍କାର ଥିଲା ଯାହକି ନିଜର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଦୁଆ ଓ ଆପଣ ସ.ଅଙ୍କ କଲ୍ୟାଣ ଦ୍ୱାରା ପରିପ୍ରକାଶିତ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-721-725)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଅବୁ ରାଫେ ଓ ହ. ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ସଂପର୍କିତ ଘଟଣାବଳୀ । ଏହି ଘଟଣାବଳୀର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

**(ଅଲ୍‌ଫଜ୍‌ଲ୍ ଇଣ୍ଟରନ୍ୟାସନଲ୍, 31 ଜାନୁୟାରୀ 2025 ମସିହା, ପୃ-2-6)**

☆ ☆ ☆ ☆ ☆ ☆

## ପୃ-2ରେ ବର୍ଣ୍ଣିତ ଜଲ୍‌ସା ସାଲାନ ସଂପର୍କିତ ରିପୋର୍ଟର ଅବଶିଷ୍ଟାଂଶ....

"ମୁଁ ସତ୍ୟ କହୁଛି ଏବଂ ନିଜସ୍ୱ ଅଭିଜ୍ଞତା ଦ୍ୱାରା ଉକ୍ତ କଥା କହୁଛି ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜକୁ ହଜାଇ ଦେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପ୍ରକୃତ ପୁଣ୍ୟକାରୀ ବ୍ୟକ୍ତି, ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ପାରିବ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜକୁ ହଜାଇ ଦେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେହି ପୁରସ୍କାର ଏବଂ ଅନୁଗ୍ରହତାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ପାରିବ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜକୁ ହଜାଇ ଦେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେହି ପୁରସ୍କାର, କଲ୍ୟାଣ, ସତ୍ୟତା ଏବଂ ଅଧ୍ୟାତ୍ମ ପରିଚୟ ଓ ସତ୍ୟ ସ୍ୱପ୍ନ ଦ୍ୱାରା ଉପକୃତ ହୋଇ ପାରିବ ନାହିଁ । ଏହିସବୁ ପୁରସ୍କାର, କଲ୍ୟାଣ, ସତ୍ୟତା, ଅଧ୍ୟାତ୍ମ ପରିଚୟ ଏବଂ ସତ୍ୟ ସ୍ୱପ୍ନ ସର୍ବୋଚ୍ଚ ସ୍ତରୀୟ ରୂପେ ଆତ୍ମଶୁଦ୍ଧି କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଉକ୍ତ ପ୍ରସଙ୍ଗର ପ୍ରମାଣ ସ୍ୱୟଂ ଈଶ୍ୱରଙ୍କ ବାଣୀରୁ ହିଁ ମିଳିଥାଏ ଅର୍ଥାତ୍ ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: قُلْ إِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ **(ଆଲେ ଇମ୍ରାନ୍:32)** ଅର୍ଥାତ୍ ତୁମ୍ଭେ କୁହ, ହେ ଲୋକମାନେ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ

## ସଦର୍ ଅଞ୍ଜୁମନ୍ ଅହେମଦିୟା, ତେହ୍‌ରିକେ ଜଦିଦ୍, ଅଞ୍ଜୁମନ୍ ୱକ୍‌ଫେ ଜଦିଦ୍ ଏବଂ ଜେଲି (ଅଧୀନସ୍ଥ) ତନଜିମାତ୍ (ଗୋଷ୍ଠୀ) କାଦିୟାନ୍‌ର କାର୍ଯ୍ୟାଳୟମାନଙ୍କରେ, ଆର୍ଥିକ/କେୟାର ଟେକର୍/ଚୌକିଦାର (ଜଗୁଆଳୀ)/ ରୋଷେୟା/ରୁଟି ସେକାଳୀ/ମସ୍‌ଜିଦ୍‌ର ସେବାକ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କର ଆବଶ୍ୟକତା ରହିଛି

**ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 40 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ ଉଚିତ୍ ।

(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ । କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ହିଁ ପ୍ରାଧାନ୍ୟ ଦିଆଯିବ ।

(3) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।

(4) ଯେଉଁ ପ୍ରାର୍ଥୀମାନେ ମର୍କଜି ପଦବୀ ପୂରଣ କମିଟିଙ୍କ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ରେ ସଫଳ ହେବେ ସେହି ପ୍ରାର୍ଥୀମାନେ ସେବା ନିମନ୍ତେ ଯୋଗ୍ୟ ବିବଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ରୁ ମେଡ଼ିକାଲ (ଡାକ୍ତରୀ) ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ।

(6) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବା (ରହଣୀ) ନିମନ୍ତେ ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) ଯାତ୍ରା ବା ଗସ୍ତ ଖର୍ଚ୍ଚ, କାଦିୟାନ୍ ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

(**ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 0988232530, କାର୍ଯ୍ୟାଳୟ:- 01872-501130, Email:diwan@qadian.in**

☆ ☆ ☆

## କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ଼୍‌ମିଶନ ନିମନ୍ତେ ଘୋଷଣା ଶିକ୍ଷାବର୍ଷ: 2025-2026

**(ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ଼ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି)**

**(Ahmadiyya vocational training centre)**

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜୀକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ଼୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2025 ଠାରୁ ଆରମ୍ଭ ହୋଇଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରନ୍ତୁ- darulsanaat.qadian@gmail.com, 9872725895, 8604024043,

**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

ଅନୁସରଣ କର ତାହାହେଲେ ଅଲ୍ଲାଃ ତୁମ୍ଭମାନଙ୍କୁ ମଧ୍ୟ ପ୍ରେମ କରିବେ । ଅତଏବ୍ ପ୍ରଭୁଙ୍କ ଉକ୍ତ ଦାବିର ବ୍ୟବହାରିକ ଏବଂ ଜୀବନ୍ତ ପ୍ରମାଣ ତଥା ସାକ୍ଷ୍ୟ ହେଉଛି ମୁଁ (ହ. ମସିହ୍ ମଉଦ୍ ଅ.ସ) । ପବିତ୍ର କୁରଆନ୍ କରୀମ୍‌ରେ ଈଶ୍ୱରଙ୍କ ପ୍ରିୟ ଏବଂ ସନ୍ଥମାନଙ୍କ ନିମନ୍ତେ ଯେଉଁ ନିଦର୍ଶନାବଳୀ ନିର୍ଦ୍ଧାରିତ ହୋଇଛି ସେହି ନିଦର୍ଶନାବଳୀ ମାଧ୍ୟମରେ ମୋତେ ଚିହ୍ନିବାକୁ ଚେଷ୍ଟା କର । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-132)**

ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ର.ଅ କହୁଥିଲେ ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ ନିଜ ଗୃହ ସହିତ ସଂଲଗ୍ନିତ କ୍ଷୁଦ୍ର ମସ୍‌ଜିଦ୍ ଯାହାକୁ ମସଜିଦ୍ ମୁବାରକ୍ ବୋଲି କୁହାଯାଏ ସେହି ମସ୍‌ଜିଦ୍‌ରେ ଆପଣ ଅ.ସ ଏକୁଟିଆ ବୁଲୁଥିଲେ ଏବଂ କ୍ଷୀଣ ସ୍ୱରରେ ଆପଣ କିଛି ଗୁଣୁଗୁଣୁ ହେଉଥିଲେ । ତତ୍‌ସହିତ ଆପଣଙ୍କ ଚକ୍ଷୁରୁ ଲୋତକ ଧାର ବହି ଯାଉଥିଲା । ଆପଣ ଅ.ସ ସେତେବେଳେ ହସ୍ସାନ୍ ବିନ୍ ସାବିତ୍ ର.ଅଙ୍କ ଉକ୍ତ କବିତା ପାଠ କରୁଥିଲେ । ଅର୍ଥାତ୍ ହ. ହସ୍ସାନ୍ ବିନ୍ ସାବିତ୍ ର.ଅ ଆଁହଜରତ ସ.ଅଙ୍କ ବିୟୋଗ ସମୟରେ ଯେଉଁ କବିତା କହିଥିଲେ । ସେହି କବିତା ହ. ମସିହ୍ ମଉଦ୍ ଅ.ସ ଗୁଣୁଗୁଣୁ ହୋଇ ପାଠ କରୁଥିଲେ । ସେହି କବିତା ନିମ୍ନରେ ପ୍ରଦାନ କରାଗଲା;-

كُنْتَ السَّوَادَ لِنَاظِرِيْ فَعَمِيَ عَلَيْكَ النَّاظِرُ...*

مَنْ شَاءَ بَعْدَكَ فَلْيَمُتْ فَعَلَيْكَ كُنْتُ أُحَاذِرُ...

ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭେ ହିଁ ମୋ ନୟନ ପିତୁଳା (ଡୋଳା) ଥିଲ । ତୁମ୍ଭ ବିୟୋଗ ଘଟିବା ଦ୍ୱାରା ଆଜି ମୋ ଚକ୍ଷୁ ଅନ୍ଧ ପାଲଟି ଯାଇଛି । ବର୍ତ୍ତମାନ ତୁମ୍ଭ ପରେ ଯିଏ ମୃତ୍ୟୁବରଣ କରୁ ବା ଯାହାର ମୃତ୍ୟୁ ଘଟୁଛି ଘଟୁ ପଛେ । କିନ୍ତୁ ମୁଁ ତୁମ୍ଭରି ମୃତ୍ୟୁ ଘଟିବାର ଆତଙ୍କିତ ଥିଲି । ଅର୍ଥାତ୍ ଆଜି ତୁମ୍ଭର (ସ.ଅଙ୍କ) (ଅକାଳ) ବିୟୋଗ ଦ୍ୱାରା ମୋ ଚକ୍ଷୁ ଅନ୍ଧ ହୋଇଗଲା ଏବଂ ମୁଁ ଆତଙ୍କିତ ଯେ, ବର୍ତ୍ତମାନ କ'ଣ ହେବ କେଜାଣି ?

ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ର.ଅ କହିଲେ, ମହୋଦୟ ! ଏଇଟା କେଉଁ ପ୍ରସଙ୍ଗ ? ହୁଜୁରଙ୍କୁ କେଉଁ ଧକ୍କା ଲାଗିଲା ? ହ. ମସିହ୍ ମଉଦ୍ ଅ.ସ କହିଲେ, ମୁଁ ବର୍ତ୍ତମାନ ହ. ହସ୍ସାନ ବିନ୍ ସାବିତ୍ ର.ଅଙ୍କ ଉକ୍ତ କବିତା ପାଠ କରୁଥିଲି ଏବଂ ମୋ ମନରେ ଏହି ଅଭିଳିଷା ସୃଷ୍ଟି ହୋଇଥିଲା ଯେ, "ଏପରି ହୁଅନ୍ତା କି ଉକ୍ତ କବିତାଟି ମୋ ତୁଣ୍ଡରୁ ବାହାରି ଥାଆନ୍ତି ? "

ଅଲ୍ଲାଃତାଲା ମୁସଲମାନ ଜାତିକୁ ସଦ୍‌ବୁଦ୍ଧି ଏବଂ ଚୈତନ୍ୟ ପ୍ରଦାନ କରନ୍ତୁ ଏବଂ ଅକାରଣରେ କରୁଥିବା ବିରୋଧ ପ୍ରଦର୍ଶନରୁ ସେମାନେ ନିବୃତ୍ତ ହୋଇ ଯାଆନ୍ତୁ । ସେମାନେ ଥରେ ଭାବନ୍ତୁ ଯେ, କ'ଣ ଅଲ୍ଲାଃତାଲା ସେମାନଙ୍କୁ ପଚାରିବେ ନାହିଁ ଯେ, ସେମାନେ ବିନା କୌଣସି ସନ୍ଧାନରେ ଓ କୌଣସି ତଦନ୍ତ ନକରି ଯୁଗାବତାରଙ୍କ ବିରୋଧ ପ୍ରଦର୍ଶନ କଲେ । କାରଣ ଅନେକ ଲୋକମାନେ ବିନା କୌଣସି ସନ୍ଧାନରେ ଏବଂ ତଦନ୍ତ ନକରି ମୌଲବୀମାନଙ୍କ କଥାରେ ପଡ଼ି ବିରୋଧ ପ୍ରଦର୍ଶନ କରିଥାଆନ୍ତି। ତେଣୁ ଅନ୍ତତଃ କିଛି ବାଚାର ବିମର୍ଷ କର । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଅନ୍ତତଃ ଥରେ ଏପରି ଚିନ୍ତା କରନ୍ତୁ ଓ ଆମମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ଆଁହଜରତ ସ.ଅଙ୍କୁ ଭଲ ପାଇବାର ଯେଉଁ ଦାବି ଓ ଦମ୍ଭୋକ୍ତି ପ୍ରକାଶ କରୁଛେ ତାହା ଆମମାନଙ୍କୁ ନିଜର ପ୍ରତ୍ୟେକ କର୍ମ ଦ୍ୱାରା ସାବ୍ୟସ୍ତ କରିବାକୁ ହେବ ଏବଂ ଆଁହଜରତ ସ.ଅଙ୍କ ନିମନ୍ତେ ମନରେ ଯେଉଁ ପ୍ରେମ ଓ ଆନ୍ତରୀକତା ରହିଛି ତହିଁରେ ମଧ୍ୟ ଆମମାନଙ୍କୁ ଅଗ୍ରସର ହେବାକୁ ହେବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣମାନେ କେବଳ ବାଚିକ ହୁଅନ୍ତୁ ନାହିଁ। ଅର୍ଥାତ୍ କେବଳ କଥାରେ ନୁହଁ ବରଂ ଆମେମାନେ ପୁଣ୍ୟ ଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛେ । ତେଣୁ ତାହାଙ୍କ ଆଜ୍ଞା ପାଳନ କରିବା ଆମମାନଙ୍କ ପକ୍ଷେ ବିଧେୟ । ଆପଣମାନେ ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାର ସେହି ସ୍ତର ସ୍ଥାପନ କରନ୍ତୁ ଯାହାକି ସର୍ବୋଚ୍ଚ ସ୍ତରୀୟ ଅଟେ । ଆପଣମାନେ ନିଜ ନିଜର ଆତ୍ମ ସମୀକ୍ଷୀ କରୁ ଥାଆନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଭାବାବେଗ ରହିଥିଲା କ'ଣ ସେହି ଭାବାବେଗ ଆମମାନଙ୍କ ହୃଦୟରେ ସୃଷ୍ଟି ହେଉଛି କି ? ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ କରିବା ନିମନ୍ତେ ସେହି ଉଦ୍ୟମ କରନ୍ତୁ ଯେଉଁ ଉଦ୍ୟମ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଆମମାନଙ୍କ ଠାରୁ ଆଶା କରାଯାଇଛି । ଅଲ୍ଲାଃତାଲାଙ୍କର ଯେଉଁ କର୍ତ୍ତବ୍ୟ ରହିଛି ଏବଂ ରସୁଲୁଲ୍ଲାଃ ସ.ଅଙ୍କ ଧ୍ୱଜା ସଂସାରରେ ଉଡ଼ାଇବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ପ୍ରସ୍ତୁତ ରୁହନ୍ତୁ । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସଂସାରଲୋକରେ ସ୍ଥାପନ କରବା ନିମନ୍ତେ ପ୍ରତ୍ୟେକ ମୁହୂର୍ତ୍ତ ପ୍ରସ୍ତୁତ ରହୁନ୍ତୁ । ଯେତେବେଳେ ପର୍ଯ୍ୟନ୍ତ ଆପଣମାନେ ସେହି ଲକ୍ଷ୍ୟକୁ ହାସଲ କରି ନେଇ ନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ଆପଣମାନେ ଶାନ୍ତିରେ ବସନ୍ତୁ ନାହିଁ । ସୁତରାଂ ଉକ୍ତ ଲକ୍ଷ୍ୟକୁ ସଂପୂର୍ଣ୍ଣ କରିବା ନିମନ୍ତେ ଆମମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସଂପ୍ରଦାୟରେ ସାମିଲ୍ ହୋଇଛେ ।

କାଦିୟାନ୍‌ରେ ସାମିଲ୍ ହୋଇଥିବା ପ୍ରତ୍ୟେକ ସଦସ୍ୟଙ୍କୁ ନିଜର ସୁରକ୍ଷା ପରିଧି ମଧ୍ୟରେ ରଖନ୍ତୁ । ଆମିନ୍ । ଯେଉଁମାନେ ଘରେ ବସି ଜଲ୍‌ସାର କାର୍ଯ୍ୟକ୍ରମ ଏବଂ ପ୍ରସାରଣ ଦେଖୁଛନ୍ତି ସେମାନଙ୍କୁ ମଧ୍ୟ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ରୂପେ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ଭାବ ପ୍ରଦର୍ଶନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଅଲ୍ଲାଃତାଲା ଆମମାନଙ୍କୁ ନିଜର ବୈଅତ୍‌ର କର୍ତ୍ତବ୍ୟକୁ ମଧ୍ୟ ସଠିକ୍ ରୂପେ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଆମ କାଦିୟାନ୍‌ର ଜଲସା ସହିତ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଏବଂ ବିଭିନ୍ନ ଦେଶରେ ଜଲ୍‌ସା ସାଲାନା ଅନୁଷ୍ଠିତ ହେଉଅଛି । ଏହି ସମସ୍ତ ଲୋକମାନେ ଏଠାରେ ଏଇଥି ପାଇଁ ଏକତ୍ରିତ ହୋଇଛନ୍ତି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ଦେଶକୁ ହୃଦୟଙ୍ଗମ କରି ସମଗ୍ର ସଂସାରରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବେ । ତେଣୁ ଆପଣମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ଦେଶକୁ ସଂସାରର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରନ୍ତୁ ଓ ନିଜର ତ୍ରୁଟି ସଂଶୋଧନ କରିବା ନିମନ୍ତେ ମଧ୍ୟ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଯେଉଁ କଲ୍ୟାଣ ପ୍ରାପ୍ତ କରିବା ନିମନ୍ତେ ସେମାନେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ସେହି ସବୁ କଲ୍ୟାଣକୁ ଘେନି ସମସ୍ତେ ଜଲ୍‌ସାରୁ ଘରକୁ ଫେରନ୍ତୁ । ଆମିନ୍ ।

ହୁଜୁର ଅନୱର୍ ଅ.ବ କହିଲେ, ଜଲ୍‌ସା ସାଲାନା କାଦିୟାନ୍‌ର ଉପସ୍ଥିତି ସଂପର୍କରେ ତଥ୍ୟ ପ୍ରଦାନ କରି ଆପଣ ଅ.ସ କହିଲେ, ବର୍ତ୍ତମାନ 42ଟି ଦେଶର ପ୍ରତିନିଧିମାନେ କାଦିୟାନ୍‌ରେ ଏକତ୍ରିତ ହୋଇଛନ୍ତି । ଅତଏବ୍ ଲୋକମାନଙ୍କର ମୋଟ୍ ସଂଖ୍ୟା ହେଲା 16091 ଜଣ ଲୋକ । କାଦିୟାନ୍‌ବାସୀଙ୍କ ଦୃଷ୍ଟିରୁ ଉକ୍ତ ଉପସ୍ଥିତି ଅତ୍ୟନ୍ତ ଉତ୍ତମ ଉପସ୍ଥିତି ଅଟେ । ଅଲ୍ଲାଃତାଲା ସମସ୍ତଙ୍କୁ ଜଲ୍‌ସାରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ବର୍ତ୍ତମାନ ସମସ୍ତେ ଦୁଆ କରି ନିଅନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ 5.19 ମନିଟରେ ଦୁଆ କରାଇଲେ । ଦୁଆ ପରେ ପ୍ରଥମେ କାଦିୟାନ୍ ଦାରୁଲ୍ ଅମାନରୁ ପୁନଶ୍ଚ (1)ଟୋଗୋ (2)ବୁର୍କିନାଫାସୋ (3) ଗିନି ବସାଓ (4)ନାଇଜେରିୟା (5)ସେନିଗାଲ୍ ଇତ୍ୟାଦି ଅଂଶଗ୍ରହଣକାରୀମାନେ ଚିରାଚରିତ ଢଙ୍ଗରେ ଅତ୍ୟନ୍ତ ସୁମଧୁର କଣ୍ଠରେ ଆରବୀ ଏବଂ ଆଞ୍ଚଳିକ ଭାଷାରେ ତରାନା (ସଂଗୀତ) ପରିବେଷଣ କରି ଖିଲାଫତେ ଅହେମଦିୟା ସହିତ ଥିବା ନିଜର ପ୍ରେମପୂର୍ବକ ଶ୍ରଦ୍ଧାର ପରିପ୍ରକାଶ କଲେ । 5.43 ମନିଟି ସମୟରେ ହୁଜୁର ଅନୱର୍ ଅ.ବ ଅସ୍ ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବର୍କାତୁହୁର ଭେଟି ଜମାଅତ୍ ଅହେମଦିୟାର ସଦସ୍ୟବୃନ୍ଦଙ୍କୁ ଉପସ୍ଥାପିତ କରି ଐୱାନେ ମସ୍‌ରୁର୍ ପ୍ରସ୍ଥାନ କଲେ ।

☆ ☆ ☆

## ପୃ-12ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

କରିଛନ୍ତି ଏବଂ ବିସ୍ତୃତ ବିବରଣୀରେ ଉଲ୍ଲେଖ ରହଛି ଯେ, ଉକ୍ତ ସରିୟାର ଇତିହାସ ସଂକ୍ରାନ୍ତରେ ଇତିହାସବିତ୍ ମତପାର୍ଥକ୍ୟ କରିଛନ୍ତି । ଇବ୍‌ନେ ହିସ୍ସାମ୍ ଏବଂ ତବ୍ରୀ ଉକ୍ତ ଘଟଣାକୁ 4 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଇବ୍‌ନେ ସାଆଦ୍ ଉକ୍ତ ବର୍ଣ୍ଣନାକୁ 6 ହିଜ୍ରୀ ବୋଲି ଉଲ୍ଲେଖ କରିଛନ୍ତି ଏବଂ ଅଲ୍ଲାମା କସ୍ତଲାନୀ ଏବଂ ଜର୍କାନୀ ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନାକୁ ଅଗ୍ରାଧିକାର ପ୍ରଦାନ କରିଛନ୍ତି । ଅତଏବ୍ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ମଧ୍ୟ ଉକ୍ତ ଘଟଣାକୁ 6 ହିଜ୍ରୀର ବୋଲି ବର୍ଣ୍ଣନା କରିଛି । ୱଲ୍ଲାହୁ ଆଲମୁ (ପ୍ରଭୁ ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି) । ଇବ୍‌ନେ ସାଆଦ୍‌ଙ୍କ ଦ୍ୱାରା ବର୍ଣ୍ଣନାର ଅର୍ଥର ସମର୍ଥନ ବହିକି ମଧ୍ୟ କରିଛନ୍ତି । କିନ୍ତୁ ତହିଁରେ ଘଟଣା ଘଟିଥିବା ଯୁଗ ସଂପର୍କରେ କୌଣସି ସୂଚନା ମିଳୁ ନାହିଁ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-743)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସରିୟାର ସବିଶେଷ ବିବରଣୀ ଏହିପରି ଯେ, ଅବୁ ସୁଫିୟାନ୍ କୁରୈଶ୍‌ର କେତେକ **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

**ହେ ମୁହମ୍ମଦ ସ.ଅ ମୁଁ ଲୋକମାନଙ୍କୁ ଭୟ (ଡରୁ) କରୁ ନଥିଲି । କିନ୍ତୁ ଯେତେବେଳେ ମୁଁ ଆପଣ ସ.ଅଙ୍କୁ ଦେଖିଲି ସେତେବେଳେ ମୁଁ ବୁଦ୍ଧି ବିବେକ ଶୂନ୍ୟ ହୋଇଗଲି ଏବଂ ମୋର ହୃଦୟ ଦୁର୍ବଳ ହୋଇଗଲା । ଏତଦ୍‌ପରେ ମୁଁ ନିଜର ସେହି ଅଭିଳାଷା ଏବଂ ଆକାଂକ୍ଷା ଦ୍ୱାରା ଅବଗତ ହେଲି ଯାହା ସଂପର୍କରେ ମୁଁ ସଂକଳ୍ପ କରିଥିଲି । ଅର୍ଥାତ୍ ଯେଉଁ ଅଭିଳାଷା ସଂକ୍ରାନ୍ତରେ ଅନେକ ଅଶ୍ୱାରହୀମାନେ ଉଦ୍ୟମ କରି ସାରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ବି ନିଜର ଉଦ୍ୟମରେ ସାଫଲ୍ୟମଣ୍ଡିତ ହୋଇପାରି ନଥିଲା । ମୁଁ ଜାଣିନେଲି ଯେ, ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି ଏବଂ ନିଃସନ୍ଦେହ ରୂପେ ଆପଣ ସ.ଅ ସତ୍ୟ ଉପରେ ପ୍ରତିଷ୍ଠିତ ଅଟନ୍ତି ।**

**(ଜଣେ ଆକ୍ରମଣକାରୀର ସ୍ୱୀକାରୋକ୍ତି)**

---

**ରସୁଲୁଲ୍ଲାଃ ସ.ଅ ଅମ୍ର ବିନ୍ ଉମୈୟାହ୍ ଓ ସଲ୍‌ମା ବିନ୍ ଅସ୍‌ଲମ୍‌ଙ୍କୁ ଅବୁ ସୁଫିୟାନ୍ ବିନ୍ ହର୍ବ ଆଡ଼କୁ ପ୍ରେରଣ କଲେ ଏବଂ ଆପଣ ସ.ଅ କହିଲେ, ହେ ଅମ୍ର୍ ଏବଂ ହେ ସଲ୍‌ମା ! ତୁମେ ଦୁହେଁ ଯଦି ଅବୁ ସୁଫିୟାନ୍‌କୁ ଅବଚେତନ ଅବସ୍ଥାରେ ପାଅ ତେବେ ତା'ର ସଂହାର କରିଦିଅ ।**

**ସରିୟା ଅବଦୁଲ୍ଲାଃ ବିନ୍ ରୱାହା ଉସୈର୍ ବିନ୍ ରିଜାମ୍ ଅଭିମୁଖେ ଏବଂ ସରିୟା ଅମ୍ର ବିନ୍ ଉମୈୟାହ୍ ଜମ୍ରୀର ପୃଷ୍ଠଭୂମି ଅନୁଯାୟୀ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।**

**ସମ୍ମାନନୀୟ ସ୍ୱର୍ଗତ ଶେଖ୍ ମୁବାରକ୍ ଅହେମଦ୍ ସାହେବ (ନାଜିର୍ ଦିୱାନ୍ ସଦର୍ ଅଞ୍ଜୁମନ ଅହେମଦିୟା ରବ୍‌ୱା), ସିରୀୟାର ସମ୍ମାନନୀୟ ସ୍ୱର୍ଗତ ମୁନୀର୍ ଇଦଲ୍‌ବୀ ସାହେବ୍ ଓ ରବ୍‌ୱା ସ୍ଥିତ ୱକ୍‌ଫେ ଯଦିଦ କାର୍ଯ୍ୟାଳୟର କମ୍ପ୍ୟୁଟର ସେକ୍ସନର ଇନଚାର୍ଜ ସାହେବ ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁଲ୍ ବାରି ତାରିକ୍ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।**

**ଅଲ୍ଲାଃତାଲାଙ୍କ କୃପାରୁ ଶେଖ୍ ମୁବାରକ୍ ସାହେବ ନିଜର ୱକ୍‌ଫ୍ (ଉତ୍ସର୍ଗ)କୁ ଅତି ସୁନ୍ଦର ଭାବରେ ନିର୍ବାହ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ମଧ୍ୟ ଦେଖିଛି । ମୁଁ ଯେତେବେଳେ ସଦର୍ ଅଞ୍ଜୁମନ ଅହେମଦିୟାରେ କାମ କରୁଥିଲି ସେତେବେଳେ ମୁବାରକ ସାହେବ ମଧ୍ୟ ମୋ ସହିତ କାମ କରୁଥିଲେ । ସେ ସର୍ବଦା ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଉଥିଲେ ଏବଂ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ବା ଅଗ୍ରାଧିକାର ଦେବା ହେତୁ ସେ ଜଣେ ଆଦର୍ଶ ବ୍ୟକ୍ତି ପାଲଟି ଯାଇଥିଲେ ।**

**17 JANUARY 2025 ମସିହା ଅନୁଯାୟୀ ୧୭ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ ସ.ଅଙ୍କ କାଳରେ ଘଟିଥିବା ସରାୟା ଏବଂ ଯୁଦ୍ଧର ଚର୍ଚ୍ଚା ଜାରି ରହିଥିଲା । ସେହି କ୍ରମରେ ଆଜି ଯେଉଁ ସରିୟାର ଚର୍ଚ୍ଚା କରିବି ତାହା ହେଲା ସରିୟା ଅବ୍‌ଦୁଲ୍ଲାଃ । ଉକ୍ତ ସରିୟା ଉସୈର୍ ବିନ୍ ରିଜାମ୍ ଆଡ଼କୁ ହୋଇଥିଲା । ହ. ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ଉକ୍ତ ସରିୟା ଶୱାଲ୍ ମାସ 6 ହିଜ୍ରୀ ବର୍ଷରେ ଉସୈର୍ କିମ୍ବା ୟୁସୈର୍ ବିନ୍ ରିଜାମ୍ ଅଭିମୁଖେ ଖୈବର୍ ଠାରେ ହୋଇଥିଲା । ବିବରଣୀମାନଙ୍କରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଅବୁ ରାଫେ ସଲ୍ଲାମ୍ ବିନ୍ ଅବି ହୁକୈକ୍‌କୁ ବଧ କରାଗଲା ସେତେବେଳେ ଇହୁଦୀମାନେ ଉସୈର୍ ବିନ୍ ରିଜାମ୍‌କୁ ନିଜର ଅମୀର ରୂପେ ସ୍ୱୀକାର କଲେ । ଉସୈର୍ ବିନ୍ ରିଜାମ୍ ଇହୁଦୀମାନଙ୍କ ଗହଣରେ ଛିଡ଼ା ହୋଇ ଉଦ୍‌ବୋଧନ ଦେବାକୁ ଲାଗିଲା ଯେ, ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ! ମୁହମ୍ମଦ୍ ସ.ଅ ଯେତେବେଳେ କୌଣସି ଇହୁଦୀ ବ୍ୟକ୍ତି କିମ୍ବା କୌଣସି ଦିଗ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା ନିଜର ସାଥିମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ପ୍ରେରଣ କରନ୍ତି ତେବେ ସେହି ବ୍ୟକ୍ତି ଯେଉଁ ପ୍ରସଙ୍ଗର ଅଭିଳାଷା କିମ୍ବା ଇଚ୍ଛା ବ୍ୟକ୍ତ କରିଥାଉ ନା କାହିଁକି ମୁଁ ତା'କୁ ଛାଡ଼ିବି ନାହିଁ । ତହିଁରେ ଆପଣ ଯଦି ସଫଳ ବି ହୋଇଯାଆନ୍ତି କିନ୍ତୁ ମୁଁ ଏମିତି କାମ କରିବି ଯାହା ମୋ ସାଥିମାନଙ୍କ ମଧ୍ୟରୁ କେହି ବି କରି ନଥିବ । ଇହୁଦୀ ବ୍ୟକ୍ତି ଜଣକ ପଚାରିଲା ଯେ, ହେ ଉସୈର୍ ବିନ୍ ରିଜାମ୍ ! ତୁମେ କ'ଣଟା କରିବାକୁ ଇଚ୍ଛା ରଖିଛ ? ଉସୈର୍ ବିନ୍ ରିଜାମ୍ କହିବାକୁ ଲାଗିଲା । ମୁଁ ଗତ୍‌ଫାନ୍ ସଂପ୍ରଦାୟ ଆଡ଼କୁ ଯାଉଛି ଏବଂ ସେମାନଙ୍କୁ ଏକତ୍ରିତ କରୁଛି ଓ ଆମେମାନେ ମୁହମ୍ମଦ ସ.ଅଙ୍କ ଆଡ଼କୁ ଅଗ୍ରସର ହୋଇ ତାଙ୍କ ଘରେ ଧସେଇ ପଶିଯିବୁ । ଯେତେବେଳେ କୌଣସି ଶତ୍ରୁ ପ୍ରତିପକ୍ଷ ଶତ୍ରୁର ଘର ଭିତରକୁ ପ୍ରବେଶ କରି ଆକ୍ରମଣ କରିଥାଏ ସେତେବେଳେ ସେ ନିଜର ଉଦ୍ଦେଶ୍ୟର କିଛିଟା ସଫଳ ମଧ୍ୟ ହୋଇଯାଇଥାଏ । ଅତଏବ୍ ଇହୁଦୀ ଜଣକ କହିବାକୁ ଲାଗିଲା, ହେ ଉସୈର୍ ! ତୁମ ବିଚାର ତ' ଅତି ସୁନ୍ଦର ଅଟେ ।

ସୁତରାଂ ସେହି ବ୍ୟକ୍ତି ଗତଫାନ୍ ଏବଂ ଅନ୍ୟାନ୍ୟ ସଂପ୍ରଦାୟ ଆଡ଼କୁ ଚାଲିଗଲା ଓ ସେମାନଙ୍କୁ ରସୁଲ୍ଲାଃ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଏକତ୍ରିତ କରିବାକୁ ଲାଗିଲା । ଉକ୍ତ ଖବର ରସୁଲୁଲ୍ଲାଙ୍କ ପର୍ଯ୍ୟନ୍ତ ଯେତେବେଳେ ପହଞ୍ଚିଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଉକ୍ତ ଖବରର ସତ୍ୟାସତ୍ୟା ଜାଣିବା ନିମନ୍ତେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ 30 ଜଣ ବ୍ୟକ୍ତିଙ୍କ ସମେତ ରମ୍‌ଜାନ୍ ମାସରେ ଗୁପ୍ତ ରୂପେ ପ୍ରେରଣ କଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-111, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉକ୍ତ ଘଟଣାର ବିବରଣୀ ପ୍ରଦାନ କରି ହ. ମିର୍ଜା ବଶୀର୍ ଅହେଦମ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ ଏହିସବୁ ପରିସ୍ଥିତି ସଂପର୍କରେ ଅବଗତ ହେଲେ ସେତେବେଳେ ଆପଣ ସ.ଅ ତୁରନ୍ତ ନିଜର ଜଣେ ଅନ୍‌ସାରୀ ସାହାବି ଯାହାଙ୍କ ନାମ ଅବ୍‌ଦୁଲ୍ଲାଃ ଥିଲା ତାଙ୍କୁ ଡକାଇ ତାଙ୍କ ସହିତ ଅନ୍ୟ 30 ଜଣ ସାହାବିଙ୍କୁ ଖୈବର୍ ଅଭିମୁଖେ ପ୍ରେରଣ କଲେ । ଆଁହଜରତ ସ.ଅ ସେମାନଙ୍କୁ ତାଗିଦ୍ କଲେ ଯେ, ସେମାନେ ଗୁପ୍ତ ଏବଂ ଲୁଚି ଲୁଚି ଯାଇ ସମସ୍ତ ପରିସ୍ଥିତି ଏବଂ ଆଇନ ବ୍ୟବସ୍ଥା ସଂପର୍କରେ ଖବର ସଂଗ୍ରହ କରିବା ସଙ୍ଗେସଙ୍ଗେ ପୁଷ୍ଟି କରିବେ ଯେ, ଆଁହଜରତ ସ.ଅଙ୍କୁ ଯେଉଁ ସୂଚନା ପ୍ରାପ୍ତ ହୋଇଛି ତାହା ସଠିକ୍ ଅଟେ । ଏହାପରେ ସେମାନେ ଖବର ସଂଗ୍ରହ କରି ମଦିନା ଫେରି ଆସିବେ । ଅତଏବ୍ ସେମାନେ ଖବର ସଂଗ୍ରହ କରି ଫେରି ଆସିଲେ । କେବଳ ଖବର ସଂଗ୍ରହ କରି ସେମାନେ ଫେରିଲେ ନାହିଁ । ବରଂ ଅବ୍‌ଦୁଲ୍ଲାଃ ବିନ୍ ରୱାହା ଏବଂ ତାଙ୍କର ସାଥିମାନେ ଏଭଳି ଚତୁରତା ପ୍ରଦର୍ଶନ କଲେ ଯେ, ଖୈବର ଦୁର୍ଗର ଆଖପାଖରେ ପରିକ୍ରମା କରି (ବୁଲି) ଏବଂ ଉସୈର୍ ବିନ୍ ରିଜାମ୍‌ର ସଭା ସ୍ଥଳରେ ପହଞ୍ଚି ସ୍ୱୟଂ ଉସୈର୍ ଓ ତା'ର ସାଥିମାନଙ୍କ ତୁଣ୍ଡର ପ୍ରକୃତ ପ୍ରସଙ୍ଗ ଶୁଣିନେଲେ ଯେ, ସେମାନେ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଏହିସବୁ ଯୋଜନା ପ୍ରସ୍ତୁତ କରୁଛନ୍ତି । ସେହି ଦିନମାନଙ୍କରେ ଖାର୍ଜା ବିନ୍ ହୁସୈଲ୍ ନାମକ ଜନୈକ (ଜଣେ) ଅଣମୁସଲମାନ ବ୍ୟକ୍ତି ଖୈବର୍ ଆଡୁ ମଦିନା ଆସିଥିଲା । ସେ ମଧ୍ୟ ଅବଦୁଲ୍ଲାଃ ବିନ୍ ରୱାହାଙ୍କ ପୁଷ୍ଟି କଲା ଏବଂ କହିଲା, ମୁଁ ଉସୈର୍‌କୁ ଏଭଳି ଅବସ୍ଥାରେ ଛାଡ଼ି ଆସିଛି ଯେ, ସେ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ନିଜର ସୈନ୍ୟ ସାମନ୍ତଙ୍କୁ ଏକତ୍ରିତ କରୁଛି ।

ସେହି ପୁଷ୍ଟି ପରେ ଆଁହଜରତ ସ.ଅ ଅବ୍‌ଦୁଲ୍ଲାଃ ବିନ୍ ରୱାହାଙ୍କ ସେନାପତିତ୍ୱରେ 30 ଜଣ ସାହାବାଙ୍କର ଏକ ଦଳ ଖୈବର୍ ଅଭିମୁଖେ ପ୍ରେରମଣ । ଅର୍ଥାତ୍ ବର୍ଣ୍ଣନାରୁ ଏହା ଜଣାପଡୁ ନାହିଁ ଯେ, ଆଁହଜରତ ସ.ଅ ସେହି ଦଳକୁ କେଉଁ ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ପ୍ରଦାନ କରି ପ୍ରେରଣ କରିଥିଲେ । କିନ୍ତୁ ଉକ୍ତ କଥୋପକଥନ ଯାହାକି ଖୈବର୍ ଠାରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ଏବଂ ଉସୈର୍ ବିନ୍ ରିଜାମ୍‌ଙ୍କ ମଧ୍ୟରେ ହୋଇଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ଆଁହଜରତ ସ.ଅଙ୍କ ଉଦ୍ଦେଶ୍ୟ ଏହା ଥିଲା ଯେ, ଉସୈର୍‌କୁ ମଦିନାରେ ଡକାଇ ତା' ସହିତ ଆଲୋଚନା କରି ଏପରି ଚୁକ୍ତି କରାଯାଉ ଯଦ୍ୱାରାକି ଉକ୍ତ ଉପଦ୍ରବର ଯେଉଁ ପରମ୍ପରା ରହିଛି ତାହା ଥମିଯିବ ଓ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସ୍ଥିତି ସୃଷ୍ଟି ହୋଇଯିବ । ଉକ୍ତ ଇଚ୍ଛାରେ ଆପଣ ସ.ଅ ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ଥିଲେ ଯେ, ଯଦି ଉସୈର୍ ଖୈବର୍ ଅଞ୍ଚଳର ଅମୀର୍ ହୋଇଯାଏ ତେବେ ମଧ୍ୟ ଆପଣ ସ.ଅ ସ୍ୱୀକାର କରିନେବେ । କିନ୍ତୁ ସର୍ତ୍ତ ଏହିକି ଯେ, ଭବିଷ୍ୟତ ପାଇଁ ସେ ମୁସଲମାନ ବିରୁଦ୍ଧରେ ନିଜର ଉପଦ୍ରବରୁ ନିବୃତ୍ତ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 06 March 2025 Issue No. 10

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ହୋଇଯାଉ ।

ଯେତେବେଳେ ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ସୈନ୍ୟଦଳ ଖୈବର୍ ଠାରେ ପହଞ୍ଚିଲା ସେତେବେଳେ ସର୍ବପ୍ରଥମେ ସେ ଉସୈର୍ ବିନ୍ ରିଜାମ୍ ସହିତ କଥୋପକଥନ ନିମନ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଅଙ୍ଗୀକାର କଲେ । ତହିଁରୁ ଏହା ପ୍ରକାଶିତ ହୁଏ ଯେ, ସେତେବେଳେ ବିପତ୍ତି ଏତେ ବୃଦ୍ଧି ପାଇଥିଲା ଯେ, ମୁସଲମାନମାନେ ଏହା ମନେ କରୁଥିଲେ ଯେ, ଉକ୍ତ କଥୋପକଥନ ମଧ୍ୟରେ ଉସୈର୍ ପକ୍ଷରୁ କୌଣସି ବିଶ୍ୱାସଘାତକତା ପରି ସ୍ଥିତି ଯେପରି ନଉପୁଜୁ । ଉସୈର୍ ଏହି ସ୍ୱୀକାରୋକ୍ତି ପ୍ରକାଶ କଲା ଯେ, ଏପରି ହେବ ନାହିଁ । ଠିକ୍ ଅଛି ମୁଁ ଚୁକ୍ତି କରୁଛି କିନ୍ତୁ ତତ୍‌ସହିତ ନିଜର ଆତ୍ମ ସମ୍ମାନକୁ ରକ୍ଷା କରିବା ନିମନ୍ତେ ଏହି ପ୍ରକାରର ଅଙ୍ଗୀକାର ହ. ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ଠାରୁ ମଧ୍ୟ ନେଲା । ସେହି ଅଙ୍ଗୀକାର ଏହିପରି ଯେ, ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ମଧ୍ୟ ଉସୈର୍‌କୁ କୌଣସି କ୍ଷତି ପହଞ୍ଚାଇବେ ନାହିଁ । କିନ୍ତୁ ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ପକ୍ଷରୁ ଏ ପ୍ରସଙ୍ଗରେ ପ୍ରଥମେ କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରିବା ଏହା ଦର୍ଶାଏ ଯେ, ପ୍ରକୃତ ବିପଦ କେଉଁ ଆଡୁ ରହିଥିଲା । ସେ ଯାହା ହେଉ କଥନ ଏବଂ ସ୍ୱୀକାରୋକ୍ତି ପରେ ଅବ୍ଦୁଲ୍ଲାଃ ବିନ୍ ରୱାହା ଉସୈର୍ ସହିତ ବାର୍ତ୍ତାଳାପ କଲେ । ସେହି ବାର୍ତ୍ତାଳାପର ସାରାଂଶ ଏହା ଥିଲା: "(ବାର୍ତ୍ତାଳାପର ଉଦ୍ଦେଶ୍ୟ ଏହା ଥିଲା) ହ. ଅବ୍ଦୁଲ୍ଲାଃ କହିଲେ, ହେ ଉସୈର୍ ! ଆଁହଜରତ ସ.ଅ ତୁମ ସହିତ ଏକ ଶାନ୍ତି ଏବଂ ଶୃଙ୍ଖଳାର ଚୁକ୍ତି କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । କାରଣ ପାରସ୍ପାରିକ ଯୁଦ୍ଧ ଅଟକିଯାଉ । ତେଣୁ ଏଥି ନିମନ୍ତେ ସର୍ବୋତ୍ତମ ପନ୍ଥା ଏହିକି ଯେ, ତୁମେମାନେ ସ୍ୱୟଂ ମଦିନାରେ ଚାଲି ଆଁହଜରତ ସ.ଅଙ୍କ ସହିତ ସିଧା ସଳଖ କଥା ହୁଅ । ଯଦି ଏହି ପ୍ରକାରର ଚୁକ୍ତି ସ୍ୱାକ୍ଷରିତ ହୋଇଗଲା ତେବେ ମୁଁ ଏହି ଆଶା କରୁଛି ଯେ, ରସୁଲୁଲ୍ଲାଃ ସ.ଅ ତୁମ ପ୍ରତି ଉପକାରମୂଳକ ଆଚରଣ ପ୍ରଦର୍ଶନ କରିବେ । ସମ୍ଭବତଃ ତୁମକୁ ଖୈବରର ନିୟମିତ ଅଧିପତି ରୂପେ ସ୍ୱୀକାର କରିନିଆଯିବ । ଉସୈର୍ ଯେକି ମର୍ଯ୍ୟାଦା ଅଭିଳାଷୀ ବ୍ୟକ୍ତି ଥିଲା । ସେହିପରି ଏହା ମଧ୍ୟ ହୋଇପାରେ ଯେ, ଉସୈର୍ ହୃଦୟରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନିହିତ ହୋଇଥାଇପାରେ । ତେଣୁ ଉକ୍ତ ପ୍ରସ୍ତାବଟି ପସନ୍ଦ ଆସିଲା । ଉସୈର୍ ଅନ୍ତତଃ ଏହା ପରିପ୍ରକାଶ କଲା ଯେ, ମୋତେ ଉକ୍ତ ପ୍ରସ୍ତାବ ଭଲ ଲାଗିଲା ଏବଂ ମୁଁ ଉକ୍ତ ପ୍ରସ୍ତାବକୁ ସ୍ୱୀକାର କରୁଛି । କିନ୍ତୁ ତତ୍‌ସହିତ ସେ ଖୈବର୍‌ର ବଡ଼ ବିଦ୍ୱାନ୍‌ମାନଙ୍କୁ ଏକତ୍ରିତ କରି ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲା ଯେ, ହେ ବିଦ୍ୱାନ୍‌ମାନେ ! ମୁସଲମାନମାନଙ୍କ ପକ୍ଷରୁ ଏହି ପ୍ରସ୍ତାବ ଉପସ୍ଥାପିତ ହୋଇଛି ତେଣୁ ଏଥି ସଂକ୍ରାନ୍ତରେ କ'ଣ କରାଯିବା ଉଚିତ୍? ଇହୁଦୀମାନେ ଇସ୍‌ଲାମ୍ ଧର୍ମ ବିପକ୍ଷରେ ଅନ୍ଧ ହୋଇଯାଇଥିଲେ, ସେମାନେ ସାଧାରଣତଃ ଉକ୍ତ ପ୍ରସ୍ତାବକୁ ବିରୋଧ କଲେ ଏବଂ ଉସୈର୍‌କୁ ଉକ୍ତ ଅଭିଳାଷା ତଥା ଆକାଂକ୍ଷାରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ କହିଲେ, ହେ ଉସୈର୍ ! ଆମେମାନଙ୍କୁ ଲାଗୁ ନାହିଁ ବା ଆମେମାନେ ଆଶା କରିପାରୁ ନାହିଁ ଯେ, ମୁହମ୍ମଦ୍ (ସ.ଅ) ତୁମକୁ ଖୈବର୍‌ର ଅମୀର୍ ରୂପେ ସ୍ୱୀକାର କରିନେବେ । କିନ୍ତୁ ଉସୈର୍ ହେଉଛି ଏପରି ଚତୁର ବ୍ୟକ୍ତି ଯିଏ ପରିସ୍ଥିତି ସହିତ ଅଧିକ ଅବଗତ ଥିଲା, ସେ ନିଜ କଥା ଉପରେ ଅଡ଼ି ବସିଲା । ଉସୈର୍ କହିଲା, ହେ ବିଦ୍ୱାନ୍‌ମାନେ ! ତୁମେମାନେ ଜାଣି ନାହଁ ଯେ, ମୁହମ୍ମଦ ସ.ଅ ଏହି ଯୁଦ୍ଧରୁ ଅନାସକ୍ତ (ଯୁଦ୍ଧ ଲଢିବାକୁ ଚାହୁଁ ନାହାନ୍ତି) ହୋଇଯାଇଛନ୍ତି ଏବଂ ସେ ହୃଦୟର ସହିତ ଏହା ଚାହୁଁଛନ୍ତି ଯେ, ଯେକୌଣସି ମତେ ଯୁଦ୍ଧର ପରମ୍ପରା ଅଟକି (ସ୍ଥଗିତ ହୋଇ) ଯାଉ ।"

ଅତଏବ୍ ଉସୈର୍ ବିନ୍ ରିଜାମ୍ ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ଦଳ ସହିତ ମଦିନା ଯିବା ନିମନ୍ତେ ପ୍ରସ୍ତୁତ ହୋଇଗଲା ଏବଂ ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ପରି ସ୍ୱୟଂ ସେ 30 ଜଣ ଇହୁଦୀଙ୍କୁ ଧରି ଆଣିଲା । ଯେତେବେଳେ ଏହି ଦୁଇ ଦଳ ଖୈବର୍ ଠାରୁ ବାହାରି କର୍ କରାହ୍ ନାମକ ସ୍ଥାନରେ ପହଞ୍ଚିଲେ । କର୍ କରାହ୍ ଖୈବର୍ ଠାରୁ 6 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଉସୈର୍‌ର ଉଦ୍ଦେଶ୍ୟ ଏବଂ ମନ ବଦଳିଗଲା। ଉସୈର୍‌ର ଉଦ୍ଦେଶ୍ୟ ପୂର୍ବରୁ ହିଁ ଖରାପ୍ ଥିଲା । ତେବେ ଏପରି ବୁଝିବା ଉଚିତ୍ ଯେ, ଉସୈର୍‌ର ପରିପ୍ରକାଶ କରିବାର ସମୟ ଆସିଗଲା । ସୁତରାଂ ସେ କଥାବାର୍ତ୍ତା କରୁ କରୁ ଅତ୍ୟନ୍ତ ଚତୁରତାର ସହିତ ମୁସଲମାନମାନଙ୍କ ଦଳର ଜଣେ ସମ୍ମାନିତ ବ୍ୟକ୍ତି ଅବଦୁଲ୍ଲାଃ ବିନ୍ ଉନୈସ୍ ଅନସାରୀଙ୍କ ଖଡ଼୍‌ଗ ଆଡ଼କୁ ହାତ ବଢାଇଲା । ଅବ୍ଦୁଲ୍ଲାଃ ବିନ୍ ଉନୈସ୍ ଅନ୍‌ସାରୀ ତୁରନ୍ତ ବୁଝିନେଲେ ଯେ, ଏହି ହତଭାଗ୍ୟର ହାବଭାବ ସଂପୂର୍ଣ୍ଣ ରୂପେ ବଦଳି ଯାଇଛି । ସୁତରାଂ ଅବ୍ଦୁଲ୍ଲାଃ ସହସା ନିଜର ଓଟକୁ ଗୋଇଠି ମାରି ଆଗକୁ କରିନେଲେ ଓ ପୁନଶ୍ଚ ଉସୈର୍ ଆଡ଼କୁ ମୁହଁ କରି ଡାକ ମାରିଲେ ଯେ, ହେ ଈଶ୍ୱରଙ୍କ ଶତ୍ରୁ ! କ'ଣ ତୁମେମାନେ ଆମମାନଙ୍କ ସହିତ ବିଶ୍ୱାସଘାତକତା ପ୍ରଦର୍ଶନ କରିବାକୁ ଚାହୁଁଛ ? ଅବଦୁଲ୍ଲାଃ ବିନ୍ ଉନୈସ୍ ଦୁଇ ଥର ଏହି ଶବ୍ଦ ପୁନରାବୃତ୍ତି କଲେ । କିନ୍ତୁ ଉସୈର୍ କୈଣସି ଉତ୍ତର ଦେଲା ନାହିଁ ଓ ନା ହିଁ ସେ ନିଜର ନିର୍ଦ୍ଦୋଷତା ପ୍ରମାଣିତ କଲା । ବରଂ ଉସୈର ସମ୍ମୁଖରୁ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ଥିଲା । ସମ୍ଭବତଃ ଇହୁଦୀମାନଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ଇଙ୍ଗିତ ଥିଲା ଯେ, ଯେତେବେଳେ ଏପରି ସମୟ ଆସିବ ସେତେବେଳେ ସମସ୍ତ ମିଳି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବେ । ସୁତରାଂ ମାର୍ଗର ଠିକ୍ ସେହି ସ୍ଥାନରେ ମୁସଲମାନ ଏବଂ ଇହୁଦୀମାନଙ୍କ ମଧ୍ୟରେ ଖଡ଼୍‌ଗ ଯୁଦ୍ଧ ଚାଲିଲା । ଅର୍ଥାତ୍ ଯୁଦ୍ଧ ଆରମ୍ଭ ହୋଇଗଲା । ଉଭୟ ଗୋଷ୍ଠୀରେ ସୈନ୍ୟ ସଂଖ୍ୟା ସମାନ ରହିଥିଲା ଏବଂ ଇହୁଦୀମାନେ ପୂର୍ବରୁ ହିଁ ମାନସିକ ରୂପେ ପ୍ରସ୍ତୁତ ଥିଲେ ଏବଂ ମୁସଲମାନମାନେ ସଂପୂର୍ଣ୍ଣ ରୂପେ ଅବଚେତନ ଥିଲେ । ଅର୍ଥାତ୍ ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ମୁସଲମାନମାନଙ୍କର । କିନ୍ତୁ ଈଶ୍ୱରଙ୍କ ଏପରି କୃପା ହେଲା ଯେ, କେତେକ ମୁସଲମାନମାନେ ଯଦିଓ ଆହତ ହେଲେ କିନ୍ତୁ ସେମାନଙ୍କ ମଧ୍ୟରୁ କାହାରି ପ୍ରାଣ ହାନୀ ହେଲା ନାହିଁ । କିନ୍ତୁ ଅନ୍ୟ ପଟରେ ଇହୁଦୀମାନେ ନିଜ ବିଶ୍ୱାସଘାତକତାର ସ୍ୱାଦ ଆସ୍ୱାଦନ (ଚାଖି ସାରିଥିଲେ) କରି ସାରିଥିଲେ । ତେଣୁ ସେମାନେ ଧୂଳିସାତ୍ ହୋଇଗଲେ । ସାହାବାମାନଙ୍କର ଏହି ଦଳ ଯେତେବେଳେ ମଦିନାକୁ ଫେରିଲା ସେତେବେଳେ ଆଁହଜରତ ସ.ଅଙ୍କୁ ଘଟଣା ବୃତ୍ତାନ୍ତ ସହିତ ଅବଗତ କରାଇଲେ। ଅତଏବ୍ ଆପଣ ସ.ଅ ମୁସଲମାନମାନଙ୍କ ସକୁଶଳେ ବଞ୍ଚିଯିବା ହେତୁ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ, قَدْ نَجَّاكُمُ اللّٰهُ مِنَ الْقَوْمِ الظّٰلِمِيْنَ ଅର୍ଥାତ୍ ତୁମେମାନେ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କର । କାରଣ ଈଶ୍ୱର ତୁମମାନଙ୍କୁ ଉକ୍ତ ଅତ୍ୟାଚାରୀ ଗୋଷ୍ଠୀ କବଳରୁ ମୁକ୍ତି ପ୍ରଦାନ କରିଦେଇଛନ୍ତି । ଉକ୍ତ ଘଟଣା ସଂକ୍ରାନ୍ତରେ କେତେକ ଖ୍ରୀଷ୍ଟ ଇତିହାସବିତ୍‌ମାନେ ଏହି ଆପତ୍ତି କରିଛନ୍ତି ଯେ, ଅବ୍ଦୁଲ୍ଲାଃ ବିନ୍ ରୱାହାଙ୍କ ସୈନ୍ୟ ଦଳ ଉସୈର୍ ଓ ତା'ର ସୈନ୍ୟବାହିନୀକୁ ଖୈବର୍‌ରୁ ଏହି ଉଦ୍ଦେଶ୍ୟ ରଖି ବାହାର କରି ନେଇ ଆସିଥିଲା ଯେ, ମାର୍ଗରେ ସୁଯୋଗ ଦେଖି ସେମାନଙ୍କର ସଂହାର କରିଦିଆଯାଉ । କିନ୍ତୁ ଏହା ପାଶ୍ଚାତ୍ୟ ହଠଧର୍ମୀ ଇତିହାସବିତ୍‌ଙ୍କ ଏକ ଅସହ୍ୟ ପ୍ରଦର୍ଶନ ବ୍ୟତୀତ ଅନ୍ୟ କିଛି ନୁହେଁ । ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଯିଏ ଚାହିଁଲା ସିଏ ଆପତ୍ତି କରିଦେଲା । କାରଣ ଯେପରିକି ଉପରୋକ୍ତରେ ବର୍ଣ୍ଣିତ ହୋଇଛି ଯେ, ଇତିହାସରେ ଉକ୍ତ କଥାର କୌଣସି ପ୍ରମାଣ ମିଳେ ନାହିଁ ଯେ, ମୁସଲମାନମାନେ ଉକ୍ତ ଉଦ୍ଦେଶ୍ୟ ରଖି ସେଠାକୁ ଯାଇଥିଲେ । କେବଳ ସେତିକି ନୁହେଁ ବରଂ ଯଦି ବିଚାର କରାଯାଏ ତେବେ ଏହାକୁ ବାଦ୍‌ଦେଲେ ଅନ୍ୟ ସାକ୍ଷ୍ୟଗୁଡ଼ିକ କେବଳ ଅବ୍ଦୁଲ୍ଲାଃ ବିନ୍ ଉନୈସ୍‌ର ଏହି ଶବ୍ଦ (ବାକ୍ୟ) "ହେ ଈଶ୍ୱରଙ୍କ ଶତ୍ରୁ ! କ'ଣ ତୁମେମାନେ ଆମମାନଙ୍କ ସହିତ ବିଶ୍ୱାସଘାତକତା ପ୍ରଦର୍ଶନ କରିବାକୁ ଚାହୁଁଛ ? ତୁମର ଉଦ୍ଦେଶ୍ୟ ବିଶ୍ୱାସଘାତକତା ରହିଛି କି ? ପୁନଶ୍ଚ ଆଁହଜରତ ସ.ଅଙ୍କ ଏହି ବାକ୍ୟ କହିବା କି " ତୁମେମାନେ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କର । କାରଣ ଈଶ୍ୱର ତୁମମାନଙ୍କୁ ଉକ୍ତ ଅତ୍ୟାଚାରୀ ଗୋଷ୍ଠୀ କବଳରୁ ମୁକ୍ତି ପ୍ରଦାନ କଲେ ।" ଉକ୍ତ କଥାକୁ ପ୍ରମାଣିତ କରିବା ନିମନ୍ତେ ଯଥେଷ୍ଟ ଓ ପର୍ଯ୍ୟାପ୍ତ ଅଟନ୍ତି ଯେ, ମୁସଲମାନମାନଙ୍କର ଉଦ୍ଦେଶ୍ୟ ସଂପୂର୍ଣ୍ଣ ରୂପେ ଏବଂ ସ୍ୱଷ୍ଟତଃ ଶାନ୍ତି ଓ ଶୃଙ୍ଖଳା ରହିଥିଲା । ଆଉ ଯାହା କିଛି ଘଟିଲା ତାହା ସେହି ବିଶ୍ୱାସଘାତକତାର ହିଁ ପରିଣାମ ଥିଲା । ଅର୍ଥାତ୍ ଇହୁଦୀମାନେ ଅଭ୍ୟାସଗତ ଭାବରେ ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା କରି ସେମାନଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିଲେ । କିନ୍ତୁ ପ୍ରଭୁ ଯାହା ଉପରେ କୃପାବତୀର୍ଣ୍ଣ କରିବାକୁ ଚାହାନ୍ତି ସେ ସେମାନଙ୍କର ବିଶ୍ୱାସଘତକତାମୂଳକ ପରିଣାମ ସେମାନଙ୍କ ଉପରେ ଲେଉଟାଇ ଦେଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-741-739)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ସରିୟାର ପରିଣାମ ଏହା ହିଁ ହେଲା । ହୁଜୁର ଅନ୍‌ୱର୍ ପୁନଃ କହିଲେ, ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ସରିୟା ଅମ୍ର ବିନ୍ ଉମୈୟାହ୍ ଜମ୍ରୀ ଅଟେ । ଉକ୍ତ ସରିୟାରେ ସୈନ୍ୟବାହିନୀ ଅବୁ ସୁଫିୟାନ୍ ଆଡ଼କୁ ପ୍ରେରଣ କରାଯାଇଥିଲା । ଇବ୍‌ନେ ହିଶ୍ଶାମ, ଇବ୍‌ନେ କସିର୍, ତବ୍ରୀ ଆଦି ଇତିହାସବିତ୍‌ମାନେ ଉକ୍ତ ସରିୟାକୁ 4 ହିଜ୍ରୀର ବୋଲି ଏବଂ ରଜିଇ ଘଟଣା ପରେ ଘଟିଥିବାର ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଇବ୍‌ନେ ସାଆଦ୍ ଉକ୍ତ ସରିୟାକୁ 6 ହିଜ୍ରୀର ସରିୟା ବୋଲି ବର୍ଣ୍ଣନା କରିଛନ୍ତି । ସେହିପରି ଜର୍କାନୀ ମଧ୍ୟ ଇବ୍‌ନେ ସାଆଦ୍‌ଙ୍କୁ ପ୍ରାଧାନ୍ୟ ଦେଇ ଉକ୍ତ ସରିୟାକୁ 6 ହିଜ୍ରୀର ବୋଲି ବର୍ଣ୍ଣନା କରିଛନ୍ତି । **(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-885, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଅସ୍‌ସିରତୁନ୍ ନବୱିୟାହ୍ ଲିଇବ୍‌ନି କସିର୍, ଭାଗ-3, ପୃ-135, ପ୍ରକାଶନ ସ୍ଥାନ-ଦାରୁଲ୍ ମାଆର୍ଫା, ବୈରୁତ) (ତାରିଖୁତ୍ ତବ୍ରୀ, ଭାଗ-2, ପୃ-79, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-71-72, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜର୍କାନୀ, ଭାଗ-3, ପୃ-166-169, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ସରିୟାକୁ 6 ହିଜ୍ରୀର ସରିୟା ବୋଲି ବର୍ଣ୍ଣନା **(ଅବଶିଷ୍ଟାଂ.......ପୃ-10ରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan